# ଷ୍ଟୋନ୍ କ୍ରଶରରେ ନକଲି ୱେବ୍ରିଜ

ଯାଜପୁର ଅଫିସ,୮।୮

- ନାମୀ କମ୍ପାନୀ ନାଁରେ ଲଗାଯାଇଛି ଯନ୍ତ୍ର
- ତଦନ୍ତ ନିର୍ଦ୍ଦେଶ ଦେଲା ମାପ ଓଜନ ବିଭାଗ

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ କଳାପଥର ଖାଦାନଗୁଡ଼ିକରୁ ବେଆଇନ ଉତ୍ତୋଳନ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ନ ଥିବାବେଳେ ଏବେ ପୁଣି ଏକ ନୂଆ ଅନିୟମିତତା ପଦାକୁ ଆସିଛି। ପଥର ଖାଦାନ ପାଦ ଦେଶରେ ରହିଥିବା କେତେକ ଷ୍ଟୋନ୍ କ୍ରଶରରେ ଗ୍ରାହକମାନଙ୍କୁ ଠକିବା ପାଇଁ ନକଲି ବ୍ରାଣ୍ଡର ଓଜନ ଯନ୍ତ୍ର ଲାଗିଛି। ଏହିମର୍ମରେ ଗ୍ଲୋବାଲ ବ୍ରାଣ୍ଡର ୱେଟ୍ରାକ କମ୍ପାନୀ ପକ୍ଷରୁ ଧର୍ମଶାଳା ତହସିଲ ବିଛାଖଣ୍ଡି ପାହାଡ଼ସ୍ଥିତ ଦୀପକ ଷ୍ଟୋନ କ୍ରଶର ନାମରେ ଭୁବନେଶ୍ୱର ମାପ ଓ ଓଜନ ବିଭାଗର ବୈଧମାପ ବିଜ୍ଞାନ ନିୟନ୍ତ୍ରକ(ସିଏଲ୍‌ଏମ୍)ଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ଭିତ୍ତିକରି ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟରୁ ଯୁଗ୍ମ ନିୟନ୍ତ୍ରକ ତୁରନ୍ତ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଯାଜପୁର ଜୁନିୟର ନିୟନ୍ତ୍ରକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ଯାଜପୁର ଜିଲାରୁ ବିଭିନ୍ନ ଶିଳ୍ପ କାରଖାନା, ଖଣି, ସରକାରୀ କାର୍ଯ୍ୟାଳୟ, ସାଧାରଣ ଲୋକଙ୍କୁ ପରିବହନ ହେଉଥିବା ବିପୁଳ ପରିମାଣର ମେଟାଲ, ଚିପ୍ସ ଆଦିରେ ବ୍ୟାପକ ଠକେଇ ହେଉଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ବୈଧମାପ ବିଜ୍ଞାନ ନିର୍ଦ୍ଦେଶାଳୟ ଭୁବନେଶ୍ୱର ଖଣ୍ଡଗିରିରେ କାର୍ଯ୍ୟ କରୁଛି। ଏହି ନିର୍ଦ୍ଦେଶାଳୟ ଅଧୀନରେ ଜିଲାସ୍ତରରେ ୩୦ଟି ସହକାରୀ ନିୟନ୍ତ୍ରକ କାର୍ଯ୍ୟାଳୟ ଖୋଲାଯାଇଛି। ଏହାସହ ରାଜ୍ୟରେ ୭୨ ପ୍ରୟୋଗଶାଳା କାର୍ଯ୍ୟ କରୁଛି। ବ୍ୟବସାୟିକ ଅନୁଷ୍ଠାନ, ଲଘୁ ଖଣିଜ ଦ୍ରବ୍ୟ, କ୍ରଶର, ଶିଳ୍ପାଞ୍ଚଳ ଓ ଖଣିରେ ଥିବା ୱେବ୍ରିଜ, ସୁନାରୁପା, ପରିବା, ରାଶନ ଦୋକାନ, ପେଟ୍ରୋଲ ଟାଙ୍କି ଇତ୍ୟାଦିରେ ଓଜନ ଓ ମାପରେ ବ୍ୟାପକ ଅନିୟମିତତା ହେଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି। ଓଜନ ଯନ୍ତ୍ରଗୁଡ଼ିକରେ ଉପଯୁକ୍ତ ଭାବେ ସିଲ୍ ଓ କ୍ରମାଙ୍କ କାର୍ଯ୍ୟ ହେଉନାହିଁ। ବର୍ଷକ ତଳେ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ନିରୀକ୍ଷଣରେ ଏହିସବୁ ଦୃଷ୍ଟିଗୋଚର ହୋଇଥିଲା। ଏଣୁ ସହକାରୀ ନିୟନ୍ତ୍ରକମାନଙ୍କୁ ଓଜନ ମାପଗୁଡ଼ିକର ପୁନଃ ନିରୀକ୍ଷଣ କରି ଆଇନ ଅନୁସାରେ ପଦକ୍ଷେପ ନେବାକୁ ରାଜ୍ୟ ଲିଗାଲ



ମେଟ୍ରୋଲୋଜି ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ଏହାର ସୁଧାର ହୋଇ ନଥିବାରୁ ଖାଉଟିମାନେ ବିଭିନ୍ନ ସମୟରେ ଶୋଷଣର ଶିକାର ହେଉଛନ୍ତି। ଏହିକ୍ରମରେ କ୍ରଶରଗୁଡ଼ିକରେ ବି ଗ୍ରାହକଙ୍କୁ ନକଲି ୱେବ୍ରିଜ ଲଗାଇ ଠକୁଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ୱେଟ୍ରାକ କମ୍ପାନୀର ଅଭିଯୋଗ ଅନୁସାରେ ଗ୍ଲୋବାଲ ବ୍ରାଣ୍ଡର ଓଜନ ଯନ୍ତ୍ର(ମଡେଲ୍-ଡବ୍ଲ୍ୟୁଟିଡବ୍ଲ୍ୟୁ ସିରିଜ, ସିରିଏଲ୍ ନମ୍ବର-୧୧୦୯୨୫) ଏହି କମ୍ପାନୀ ପକ୍ଷରୁ ଯୋଗାଣ ହୋଇନାହିଁ। କେହି ଜଣେ ଏହି କମ୍ପାନୀର ନାମକୁ ବଦନାମ କରିବା ଲକ୍ଷ୍ୟ ରଖି ଏଭଳି କାମ କରିଛି। ତେଣୁ ଏହି ଯନ୍ତ୍ର ଯୋଗାଣ ସମୟର ଆବଶ୍ୟକ କାଗଜପତ୍ର ଦେବାକୁ ଉପରୋକ୍ତ କମ୍ପାନୀ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଏହି କାଗଜପତ୍ର ସହାୟତାରେ ନକଲି ଯନ୍ତ୍ର ଯୋଗାଣକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ବୋଲି ୱେଟ୍ରାକ ପକ୍ଷରୁ ଦର୍ଶାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଧର୍ମଶାଳା ତହସିଲ ଅଞ୍ଚଳରେ ଶତାଧିକ ବେଆଇନ କ୍ରଶର ଓ ପଥର ଖାଦାନ ଚାଲିଛି। ସରକାରୀ ଅନୁମତିପ୍ରାପ୍ତ ହୋଇ ନଥିଲେ ହେଁ ଏହି କ୍ରଶର ଓ ଖାଦାନଗୁଡ଼ିକରେ ୱେବ୍ରିଜ ଲାଗିଛି। ୱେବ୍ରିଜ ଲାଗିବା ପୂର୍ବରୁ ମାପ ଓ ଓଜନ ବିଭାଗର ଅନୁମତି ସହ ସରକାରୀ ଲିଜ୍ କାଗଜପତ୍ରର ଆବଶ୍ୟକତା ରହିଥାଏ। ଯେହେତୁ ଅଧିକାଂଶ ବିନା ଅନୁମତିରେ ଉତ୍ତୋଳନ ହେଉଛି, ସେଠାରେ କେତେଜଣ ବିଭାଗୀୟ ଅଧିକାରୀଙ୍କ ସହାୟତାରେ ଏଭଳି କାର୍ଯ୍ୟ ଚାଲିଛି ବୋଲି କୁହାଯାଉଛି। ଏହି କାରଣରୁ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି।

ରାଜ୍ୟରେ ୨୦୧୫-୧୬ରୁ ୨୦୨୧-୨୨ ବର୍ଷ ମଧ୍ୟରେ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ, ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ୍, ବିନା ଟ୍ରାଞ୍ଜିଟ୍ ଫର୍ମରେ ଖଣିଜ ପରିବହନ ଓ ବିକ୍ରି ମାମଲାରେ ଯାଜପୁର ଜିଲା ବହୁ ଆଗରେ ରହିଛି। ଏଠାରେ ଏନ୍‌ଜିଟି କିମ୍ବା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜରିମାନା ଆଦାୟ ହୋଇପାରୁନାହିଁ। ଫଳରେ ପଥର ବ୍ୟବସାୟୀମାନେ ଅଧିକ ଉତ୍ସାହିତ ହୋଇ ଆହୁରି ବେଆଇନ ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଛି। ଡଙ୍କାରୀ ପାହାଡ଼ର ୫ ନମ୍ବର ସୈରାତର ଲିଜ୍ ଅବଧି ଗତ ମାର୍ଚ୍ଚ ୨୮ରେ ଶେଷ ହୋଇଥିଲେ ହେଁ ଏଯାଏ ବେଧଡ଼କ କଳାପଥର ଲୁଟ୍ ହେଉଛି। ଏହାସହ କୁସୁମପୁର, ବିଛାଖଣ୍ଡି, ବାଜବାଟି, ଆରୁହା ଇତ୍ୟାଦି ଖାଦାନରୁ ମଧ୍ୟ ବେଆଇନ କଳାପଥର ଲୁଟ କରି ନକଲି ୱେବ୍ରିଜରେ ଗ୍ରାହକଙ୍କୁ ଶୋଷଣ କରୁଥିବା ସନ୍ଦେହ ଘନୀଭୂତ ହୋଇଛି। ତେଣୁ ସମସ୍ତ କ୍ରଶରରେ ଲାଗିଥିବା ୱେବ୍ରିଜ ଯନ୍ତ୍ରର ଆବଶ୍ୟକ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହେଉଛି।

# ୨ ଏମ୍‌ସିଏଲ୍ ଅଧିକାରୀଙ୍କ ମୃତଦେହ ମିଳିଲା

## ହୀରାକୁଦ ଜଳଭଣ୍ଡାରରେ ଭାସି ନିଖୋଜ ଥିଲେ

ସମ୍ବଲପୁର,୮।୮(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ଜଳଭଣ୍ଡାରର ଝାଙ୍କରାଣୀ ପୀଠ ମନ୍ଦିର ଘାଟରେ ଭାସିଯାଇ ନିଖୋଜ ଥିବା ଦୁଇ ଏମ୍‌ସିଏଲ୍ ଅଧିକାରୀଙ୍କ ମୃତଦେହ ସୋମବାର ମିଳିଛି। ଅଗ୍ନିଶମ ଓ ଓଡ୍ରାଫ୍ ଟିମ୍ ୫ଘଣ୍ଟା ଧରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ମୃତଦେହ ବାହାର କରିଥିଲେ। ବୁର୍ଲା ଭିମ୍‌ସାରରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେମାନେ ହେଲେ ମହେଶ ଛିତୋରୀ (୪୦) ଓ ଅଭିଷେକ କୁମାର (୪୫)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ, ଏମ୍‌ସିଏଲ୍‌ର ୩ ଅଧିକାରୀ ମହେଶ ଓ ଅଭିଷେକଙ୍କ ସମେତ ଅବିନାଶ ରାୟ ରବିବାର ହୀରାକୁଦ ଜଳଭଣ୍ଡାରକୁ ବୁଲିବାକୁ ଆସିଥିଲେ। ଅପରାହ୍ଣ ପ୍ରାୟ ୫ଟା ସମୟରେ ଝାଙ୍କରାଣୀ ପୀଠ ନିକଟରେ ସେମାନେ କାର୍ ରଖି ଜଳଭଣ୍ଡାର ଭିତରକୁ ଗାଧୋଇବାକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ସମସ୍ତେ ଗଭୀର ପାଣିରେ ଭାସିଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ନିକଟରେ ଥିବା ୱାଟର ସ୍ପୋର୍ଟ୍ସ ବୋଟ୍ ପାଖକୁ ଆସି ଉଦ୍ଧାର ପାଇଁ ଚେଷ୍ଟା କରିଥିଲା। ବୋଟ୍ କର୍ମଚାରୀ କେବଳ ଅବିନାଶଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିବା ବେଳେ ମହେଶ ଓ ଅଭିଷେକ ନିଖୋଜ ହୋଇଯାଇଥିଲେ। ପୋଲିସ, ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ହେଲେ ଅନ୍ଧାର ହୋଇଯିବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା।



ହୀରାକୁଦ ଜଳଭଣ୍ଡାରରୁ ମୃତଦେହ ବାହାର କରାଯାଉଛି।




ସମସ୍ତ ଖାଦ୍ୟଦ୍ରବ୍ୟ ଉପରୁ ଜିଏସ୍‌ଟି ପ୍ରତ୍ୟାହାର, ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିର ପ୍ରତିବାଦ ଓ ବେକାରିଙ୍କୁ ନିଯୁକ୍ତି ଦାବିରେ ସିଟୁ, ଏଆଇକେଏସ୍ ଓ ଏଆଇଏଡବ୍ଲ୍ୟୁୟୁ ପକ୍ଷରୁ ସୋମବାର ଅନୁଷ୍ଠିତ ଆଇନ ଅମାନ୍ୟ ଆନ୍ଦୋଳନରେ ଭୁବନେଶ୍ୱରସ୍ଥିତ ଏଡିଏମ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୨ ଗାଡ଼ି ଜାଳିଦେଲେ ମାଓବାଦୀ

ମାଲକାନଗିରି,୮।୮(ଡି.ଏନ.ଏ.): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ଜିଲାରେ ନିର୍ମାଣ କାର୍ଯ୍ୟ ପାଇଁ ଯାଉଥିବା ୨ ଗାଡ଼ି ମାଓବାଦୀ ଜାଳି ଦେଇଛନ୍ତି। ସୂଚନା ଅନୁଯାୟୀ ଛତିଶଗଡ଼ର କିଷ୍ଟାରାମ ଥାନା ଅନ୍ତର୍ଗତ ସିନ୍ଧୁରଗୁଡ଼ା ଅଞ୍ଚଳରେ ଜଣେ ଠିକାଦାର ନିର୍ମାଣ କାର୍ଯ୍ୟ ଚଳାଇଥିବାବେଳେ ଏଥିରେ ନିୟୋଜିତ ଗାଡ଼ି ଗୁଡ଼ିକୁ ସେ ନିର୍ମାଣସ୍ଥଳକୁ ନେଉଥିଲେ। ଏହି ସମୟରେ ମାଓବାଦୀମାନେ ଦୁଇଟି ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ସୁରକ୍ଷା ବ୍ୟବସ୍ଥା ନ ଥାଇ ଏବଂ ପୋଲିସର ଅଜାଣତରେ ଠିକାଦାର ଗାଡ଼ିଗୁଡ଼ିକୁ ନେଉଥିବା ସମୟରେ ମାଓବାଦୀ ଏଭଳି କାଣ୍ଡ ଘଟାଇଥିବା ସୁକ୍‌ମା ଏସ୍‌ପି ସୁନୀଲ ଶର୍ମା କହିଛନ୍ତି। ଗାଡ଼ି ଜାଳିଦେବା ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଶର୍ମା ପ୍ରକାଶ କରିଛନ୍ତି।

**ODISHA HYDRO POWER CORPORATION LIMITED**
(A Government of Odisha Undertaking)
Regd. Office: Odisha State Police Housing & Welfare Corporation Building
Vanivihar Chowk, Janpath, Bhubaneswar-751022
Ph: 2542983, 2542802, 2545526, Fax: (0674) 2542102, Website: www.ohpcltd.com
CIN : U40101OR1995SGC003963
OHPC
ISO 14001:2015 45001 : 2018 & 9001 : 2015

**CANCELLATION OF RECRUITMENT PROCESS**

The recruitment process for the post of Electrical Trainee, Mechanical Trainee, Welder Trainee, Crane Operator Trainee, Wireman Trainee & Store Keeper Trainee pursuant to the **Advertisement No. OHPC:HQ:HRD:RECTT: 02/2019, dated 02.03.2019** and the recruitment process for the post of Operator-C (Electrical), Electrician-C, Crane Operator-C, Welder-C & Fitter-C pursuant to the **Advertisement No. OHPC:HQ:HRD:RECTT: 07/2012, dated 03.08.2012** are hereby cancelled.

Sd/-
**Director (HR)**

**F.M. AUTONOMOUS COLLEGE, BALASORE**

**WALK-IN-INTERVIEW**

A Walk-in-Interview for engagement of Guest Faculties as per requirement on temporary basis for a maximum tenure of two years from eligible candidates having minimum 55% marks at Master's Degree in the concerned subject will be conducted at **11.00 A.M. on 26.08.2022** for the subjects: **Anthropology, Botany, BBA (SFC), Chemistry, Commerce, Education, Geography, History, Mathematics, Philosophy, Sanskrit, Sociology and Urdu** and on 27.08.2022 for the Subjects: **Economics, English, Computer Science, Integrated B.Ed. (SFC), Geology, Hindi, Odia, Physics, Political Science, Psychology, Statistics and Zoology**. For details regarding interview, visit college website **www.fmcollege.nic.in**.

**Sd./- Principal**

ଫାର୍ମାସ୍ୟୁଟିକାଲ୍ସ ଆଣ୍ଡ ମେଡିକାଲ ଡିଭାଇସେସ୍ ବ୍ୟୁରୋ ଅଫ୍ ଇଣ୍ଡିଆ (ପିଏମ୍‌ବିଆଇ)
(ଫାର୍ମାସ୍ୟୁଟିକାଲ୍ସ ବିଭାଗ, ଭାରତ ସରକାରଙ୍କ ଅଧୀନରେ)
ଇ-୧, ୮ମ ମହଲା, ଭିଡିଓକନ୍ ଟାୱାର, ଝଣ୍ଡେୱାଲାଁ ଏକ୍ସଟେନ୍‌ସନ୍, ନୂଆଦିଲ୍ଲୀ-୧୧୦୦୫୫
ଟେଲିଫୋନ୍ ନଂ.: ୦୧୧-୪୯୪୩୧୮୦୦ ଓ ନିଃଶୁଳ୍କ ନଂ.: ୧୮୦୦ ୧୮୦ ୮୦୮୦
pmbi Pharmaceuticals & Medical Devices Bureau of India

**ଜାଲ୍ ୱେବ୍‌ସାଇଟ୍‌ଗୁଡ଼ିକ ସମ୍ପର୍କରେ ସର୍ବସାଧାରଣ ନୋଟିସ**

ଫାର୍ମାସ୍ୟୁଟିକାଲ୍ସ ଆଣ୍ଡ ମେଡିକାଲ ଡିଭାଇସେସ୍ ବ୍ୟୁରୋ ଅଫ୍ ଇଣ୍ଡିଆ (ପିଏମ୍‌ବିଆଇ), ପୂର୍ବରୁ ବ୍ୟୁରୋ ଅଫ୍ ଫାର୍ମା ପିଏସ୍‌ୟୁସ୍ ଅଫ୍ ଇଣ୍ଡିଆ (ବିପିପିଆଇ) ଭାବେ ପରିଚିତ, ଅର୍ଥାତ୍ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା (ପିଏମ୍‌ବିଜେପି)ର କାର୍ଯ୍ୟାନ୍ୱୟନ ଏଜେନ୍ସିର ନଜରକୁ ଏହା ଆସିଛି ଯେ କେତେକ ଜାଲ୍ ୱେବ୍‌ସାଇଟ୍ ଖଳ ଉଦ୍ଦେଶ୍ୟ ରଖି ପିଏମ୍‌ବିଆଇ ସମ୍ପର୍କରେ ଜାଲ୍ ଖାତା/ଲେଟର୍ ହେଡ୍ ଏବଂ ଅନ୍ୟାନ୍ୟ ଭ୍ରମାତ୍ମକ ସୂଚନା ଦେଉଛନ୍ତି ଏବଂ ଟ.୫୦୦୦/- ବା ସେହିଭଳି ଅର୍ଥରାଶି ଜମା ବଦଳରେ 'ଜନ ଔଷଧି କେନ୍ଦ୍ର' ଖୋଲିଦେବାର ଯାଚନା ଯୋଗାଇ ଜନସାଧାରଣଙ୍କୁ ଠକିବାର ପ୍ରୟାସ କରୁଛନ୍ତି।
ଏଭଳି ୱେବ୍‌ସାଇଟ୍‌ଗୁଡ଼ିକର ହୋମ୍ ପେଜ୍ ଏବଂ ଅନ୍ୟାନ୍ୟ ବିଷୟବସ୍ତୁ ବିଭ୍ରାନ୍ତିକର ଏବଂ ପିଏମ୍‌ବିଆଇର ଅସଲି ୱେବ୍‌ସାଇଟ୍‌ର ନକଲ କରୁଛି।
କେତୋଟି ନକଲି ୱେବ୍‌ସାଇଟ୍‌ଗୁଡ଼ିକ ହେଲା:

- https://janaushadhi-gov.in/
- https://janaushadhi-govt.in/
- https://janaushadhipariyojana.in/
- http://janaaushadhi.in/
- http://janaushadhi.org/
- https://alljanmedicalstore.com/

ପିଏମ୍‌ବିଆଇ ସ୍ପଷ୍ଟ କରୁଛି ଯେ ପରିଯୋଜନା ସମ୍ପର୍କିତ ସମସ୍ତ ଖାଣ୍ଟି ସୂଚନା ଆନୁଷ୍ଠାନିକ ୱେବ୍‌ସାଇଟ୍ www.janaushadhi.gov.in ରେ ପ୍ରକାଶିତ ହୋଇଥାଏ।
ସମସ୍ତ ହିତଧାରକଙ୍କୁ ଏଭଳି ଠକାମି ପ୍ରତି ସଚେତନ ରହିବା ଏବଂ ନକଲି ୱେବ୍‌ସାଇଟ୍‌ରେ କୌଣସି କାରବାର/ନେଣଦେଣ ନ କରିବା ଏବଂ ଟୋଲ୍ ଫ୍ରି ନମ୍ବରରେ ସତ୍ୟାସତ୍ୟକୁ ଯାଞ୍ଚ କରିବା ଲାଗି ସତର୍କ କରିଦିଆଯାଉଛି। ପିଏମ୍‌ବିଆଇର ଆନୁଷ୍ଠାନିକ ୱେବ୍‌ସାଇଟ୍ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିବିଶେଷ କିମ୍ବା ୱେବ୍‌ସାଇଟ୍ ସହିତ କୌଣସି କାରବାରରେ ଲିପ୍ତ ହେଲେ ପିଏମ୍‌ବିଆଇ ଦାୟୀ ରହିବ ନାହିଁ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ପିଏମ୍‌ବିଆଇ

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ବଳାତ୍କାର ମାମଲା

ଫୁଲବାଣୀ ଅଫିସ, ୮।୮

ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ବିଚାରପତି ସଞ୍ଜିତ କୁମାର ବେହେରା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ବର୍ଷେ ଜେଲ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୬ ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ସୁପାରିଶ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଜି.ଉଦୟଗିରି ଥାନା ଅଞ୍ଚଳର ଜିତେନ୍ଦ୍ର କୁମାର ଦିଗାଲ।

୨୦୧୯ ଏପ୍ରିଲ ୧୩ ତାରିଖ ସନ୍ଧ୍ୟାରେ ନାବାଳିକା ଜଣକ ଘରେ ଏକୁଟିଆ ଥିଲେ। ଅଭିଯୁକ୍ତ ଜିତେନ୍ଦ୍ର ଏକ ରୁଟି ନେଇ ତାଙ୍କୁ ଖାଇବାକୁ ଦେଇଥିଲେ। ନାବାଳିକା ତାହାକୁ ଖାଇବା ପରେ ମୁଣ୍ଡ ବୁଲାଇଥିଲା। ଜିତେନ୍ଦ୍ର ତାଙ୍କୁ ଘର ପାଖରୁ କିଛି ଦୂରରେ ଥିବା ଶ୍ମଶାନ ନିକଟକୁ ନେଇ ବଳାତ୍କାର କରିଥିଲେ। ପରିବାର ଲୋକେ ଝିଅକୁ ଖୋଜାଖୋଜି କରି ପାଇ ନ ଥିଲେ। ରାତି ପ୍ରାୟ ୧୦ଟାରେ ଶ୍ମଶାନ ପାଖରେ ସେ ଉଲଗ୍ନ ଅବସ୍ଥାରେ ପଡିଥିବା ଦେଖି ଘରକୁ ଆଣିଥିଲେ। ନାବାଳିକା ଘଟଣା ସମ୍ପର୍କରେ କହିବା ପରେ ତାଙ୍କ ଭାଇ ଥାନାରେ ଏତଲା ଦେବାରୁ ପୋଲିସ ୫୨/୧୯ରେ ମାମଲା ରୁଜୁ କରି ଜିତେନ୍ଦ୍ରଙ୍କୁ ଗିରଫ କରିଥିଲା। ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ଝାଡ଼ାବାନ୍ତିରେ ଅଢ଼େଇ ବର୍ଷର ଶିଶୁ ମୃତ

ରାଇଘର, ୮।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ହାଟଭରଣ୍ଡି ପଞ୍ଚାୟତ ଡୋରେଇଡିହି ଗ୍ରାମର ସନ୍ତୋଷ ଗଣ୍ଡଙ୍କ ପୁଅ ନିଲେଶଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଛି। ରାଇଘର ବ୍ଲକରେ ଗତ କିଛିଦିନ ଧରି ଝାଡ଼ାବାନ୍ତି ଲାଗିରହିଥିବାବେଳେ ଶନିବାର ନିଲେଶ ଏଥିରେ ଆକ୍ରାନ୍ତ ହୋଇଥିଲେ। ଗୁରୁତର ହେବାରୁ ଶନିବାର ସନ୍ଧ୍ୟାରେ ତାଙ୍କୁ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ସମୟରେ ରାତି ୯ଟାରେ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ କୁନ୍ଦେଇ ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ପୋଲିସ କେସ୍ ନଂ.୩୨/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡାକ୍ତର ଦଶରଥ ନାଗ କହିଛନ୍ତି। କୁନ୍ଦେଇର ପୂର୍ବତନ ସରପଞ୍ଚ ସନରାଜ ଗଣ୍ଡ ଡାକ୍ତରଖାନାରେ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଛନ୍ତି।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**Tender Notice No. TPWODL/AK/O/SU/ 085**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

**Supply of trolley mounted transformer oil filter machine.**

Interested bidders to submit Tender Participation Fee and Authorization Letter through email on or before **22nd August 2022, 17:00Hrs,** after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

# ବିନା ହେଲ୍‌ମେଟରେ ଗାଡ଼ି ଚଳାଇଲେ ଦୁଇ ଗୁଣା ଜରିମାନା

## ୧୬ରୁ ଏସ୍‌ଟିଏ ଆରମ୍ଭ କରିବ ସ୍ପେଶାଲ ଡ୍ରାଇଭ

ଭୁବନେଶ୍ୱର,୮।୮(ବ୍ୟୁରୋ)-ବିନା ହେଲ୍‌ମେଟରେ ଗାଡ଼ି ଚଳାଇଲେ ଏବେ ଦୁଇଗୁଣା ଜରିମାନା ଦେବାକୁ ହେବ। ପୂର୍ବରୁ ୫୦୦ ଟଙ୍କା ଦେବାକୁ ପଡୁଥିଲା। କିନ୍ତୁ ବର୍ତ୍ତମାନ ୧୦୦୦ ଟଙ୍କା ଦେବାକୁ ପଡିବ। ଏ ନେଇ ଅଗଷ୍ଟ ୧୬ରୁ ୩୦ ତାରିଖ ଯାଏ ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ପକ୍ଷରୁ ସ୍ପେଶାଲ୍ ଡ୍ରାଇଭ୍ ଆରମ୍ଭ କରାଯିବ। ସେହିପରି ପିଲିଅନ୍ ରାଇଡର ହେଲମେଟ୍ ପିନ୍ଧି ନ ଥିଲେ ଚାଳକଙ୍କ ଲାଇସେନ୍ସ ୩ ମାସ ପାଇଁ ବାତିଲ କରାଯିବ ବୋଲି ଏସ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି। ରାଜ୍ୟ ଦେଇ ଯାଇଥିବା ସମସ୍ତ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଏସ୍‌ଟିଏ ପକ୍ଷରୁ ଏହି ସ୍ପେଶାଲ ଡ୍ରାଇଭ୍ କରାଯିବ। ଏହି ସ୍ୱତନ୍ତ୍ର ଅଭିଯାନ ବେଳେ ବାଇକ୍‌ରେ ୩ ଜଣ ଯିବା ଧରାପଡ଼ିଲେ ଦଣ୍ଡିତ ହେବାକୁ ପଡ଼ିବ। ସେହିପରି ୧୮ ବର୍ଷରୁ କମ୍ ବୟସର ପିଲା ଗାଡ଼ି ଚଳାଉଥିଲେ ସେମାନେ ମଧ୍ୟ ଦଣ୍ଡିତ ହେବେ। ଏଠାରେ ସୂଚନାଯୋଗ୍ୟ, ୨୦୨୧ରେ ବାଇକ୍ ଦୁର୍ଘଟଣାରେ ୧୩୦୮ ଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ଭିତରୁ ୮୬୮ ଜଣ ବାଇକ୍ ଚାଳକ ହୋଇଥିବା ବେଳେ ୪୪୦ ଜଣ ପିଲିଅନ୍। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ବ୍ୟକ୍ତି ହେଲ୍‌ମେଟ୍ ପିନ୍ଧି ନ ଥିଲେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ମୃତକ ଜାମିନ୍‌ଦାରଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି ସହିତ ସୁଧ କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ମୃତକ ଜାମିନ୍‌ଦାରଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାର/ମୃତକ ଜାମିନ୍‌ଦାରଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ଆନୁସଙ୍ଗିତ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ ଇତ୍ୟାଦି ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଆକାଉଣ୍ଟର ନାମ/ଋଣଗ୍ରହୀତା/ଜାମିନ୍‌ଦାର/ମୃତକ ଜାମିନ୍‌ଦାରଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତା: ମେସର୍ସ ଶାନ୍ତି ବିଳାଶ ଡର୍ମିଟୋରୀ ସିଷ୍ଟମ୍, ସ୍ୱତ୍ୱାଧିକାରୀ: ମହମ୍ମଦ ଶିରାଜ ଖାନ୍ / ଜାମିନ୍‌ଦାର: କୌଶର ଜାହାନ, ସ୍ୱାମୀ: ମହମ୍ମଦ ଶିରାଜ୍ ଖାନ୍, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୩୭୬/୧୦୭୫, ଖଲାସୀ ଷ୍ଟ୍ରିଟ୍, ବ୍ରହ୍ମପୁର ମ୍ୟୁନିସିପାଲ ଷ୍ଟାଡିୟମ ସାମନା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୦୦୦୧ / ୪ ମହମ୍ମଦ ଆଲମ ଖାନ୍ (ମୃତକ ଜାମିନ୍‌ଦାର)ଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ମହମ୍ମଦ ରିଆଜ ଆଲମ ଖାନ୍, ୨) ମହମ୍ମଦ ଇମ୍ରାନ ଖାନ୍, ୩) ମହମ୍ମଦ ଶିରାଜ ଖାନ୍, ୪) ରେହାନା ବେଗମ, ୫) ରେଶମା ବେଗମ, ୬) ରୁକ୍‌ସାନା ବେଗମ, ୭) ସେରିନ୍ ବେଗମ, ୮) ଜରିନା ବେଗମ, ସମସ୍ତଙ୍କ ଠିକଣା- ଗ୍ରାମ/ଟାଉନ: ମାଧବପୁର, ଥାନା: ଟାଉନ୍ ଥାନା, ତହସିଲ: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | ଘରବାରି ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୧୨୧ଡିସିମିଲରୁ ଦକ୍ଷିଣରେ ଏକର୦.୦୨୯ ୫/୧୦ଡିସିମିଲି, ପ୍ଲଟ୍ ନଂ.: ୧୫୯/୧୩୩୨, ଖାତା ନଂ.: ୨୭୨, ମୌଜା: ଅଳକାପୁର, ତହସିଲ: ବ୍ରହ୍ମପୁର, ସହିତ ସେଠାରେ ଥିବା ସୁପରଷ୍ଟ୍ରକଚର୍ ଯାହାର ଆସେସ୍‌ମେଣ୍ଟ ନଂ.: ୯୫୩୯, ୱାର୍ଡ ନଂ.: ୧୪, ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେସନ୍, ଗଞ୍ଜାମ | ୧୧.୦୪.୨୦୨୨ | ୦୫.୦୮.୨୦୨୨ | ୦୭.୦୪.୨୦୨୨ ସୁଦ୍ଧା ଟ.୨୦,୯୮,୦୨୨/- + ୦୭.୦୪.୨୦୨୨ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂସେବାବଦ ଦେୟ ଇତ୍ୟାଦି |
| ଋଣଗ୍ରହୀତା: ମେସର୍ସ ସାଇ ଟ୍ରେଡ଼ିଙ୍ଗ୍ କୋଃ., ପରିଚାଳନା ଅଂଶୀଦାର-୧: ଶ୍ରୀ ଭାରାଣାସି ଶ୍ରୀନିବାସ ରାଓ, ପିତା: ଭାରାଣାସି ଭାସ୍କର ରାଓ, ଅଂଶୀଦାର-୨: ଶ୍ରୀମତୀ ଭାରାଣାସି ଗୀତାଞ୍ଜଳି, ସ୍ୱାମୀ: ଭାରାଣାସି ଶ୍ରୀନିବାସ ରାଓ, ଉଭୟଙ୍କ ଠିକଣା- ସା/ପୋ: ଆମ୍ବାଦଲା, ଜିଲ୍ଲା: ରାୟଗଡା, ପିନ୍-୭୬୫୦୨୧ | ଭି. ଶ୍ରୀନିବାସ ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ରାୟଗଡା, ତହସିଲ: ମୁନିଗୁଡା, ଥାନା: ଆମ୍ବାଦଲା, ମୌଜା: ଆମ୍ବାଦଲା, ଖାତା ନଂ.: ୧୮୪/୭୩୭, ପ୍ଲଟ୍ ନଂ.: ୧୩୮/୨୧୧୨, କ୍ଷେତ୍ର: ଏକର୦.୩୦ଡିସିମିଲି ଏବଂ ପ୍ଲଟ୍ ନଂ.: ୧୩୮୦/୨୧୧୩, କ୍ଷେତ୍ର: ଏକର୦.୫୦ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୮୦ଡିସିମିଲି, କିସମ: ଘରବାରି | ୧୪.୦୩.୨୦୨୨ | ୦୩.୦୮.୨୦୨୨ | ୧୦.୦୩.୨୦୨୨ ସୁଦ୍ଧା ଟ.୨୬,୦୩,୮୪୭.୧୨ + ତତ୍‌ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂସେବାବଦ ଦେୟ ଇତ୍ୟାଦି |

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୮.୦୮.୨୦୨୨
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

**Institute of Hotel Management**
**Catering Technology & Applied Nutrition** NCHMCT
Veer Surendra Sai Nagar, Bhubaneswar-751007
Phone No.: 0674 - 2589241, E-mail: hospitality@ihmbbs.org
Website: www.ihmbbs.org

The **Institute of Hotel Management**, **Bhubaneswar** under the affiliation of **National Council for Hotel Management and Catering Technology, Noida,** calls for application, from the eligible candidates to get admission in to First year of 2-Years **M.Sc. in Hospitality Administration** program for the **Academic year 2022-23** (NCHMCT & IGNOU collaborative regular Classroom program) under the permissible direct recruitment quota of the Institute with the following eligibility criteria against the residual vacancies in the Institute :

1. Candidate must have passed B.Sc. Degree in Hospitality and Hotel Administration from NCHMCT-IGNOU, **OR** Bachelors Degree in Hotel Management **OR** in Culinary Art from a recognized University and the Institute is approved by AICTE.
2. Candidates appearing in the final semester/final year exam (but passed all the papers in all earlier semesters/ years) of the above said Degrees and able to submit their complete Bachelor's Degree latest by 31st October 2022 can also apply.

**Interested candidate must apply to the Institute by attaching the following self attested copies of testimonials along with information sheet latest by 16.08.2022 positively through e-mail (hospitality@ihmbbs.org).**

1. Duly filled in Application form
2. 10th Certificate and mark Sheet
3. 12th Certificate and Mark Sheet
4. B.Sc. Degree (All Semester Mark Sheet and Certificates)
5. Caste Certificate (If applicable)
6. Latest Passport Size Photo
7. Aadhar Card

**Application form is available at www.ihmbbs.org**

A merit list will be drawn by the Institute on the basis of marks obtained by the candidate in B.Sc. Degree examination and the admission will be offered strictly on the basis of merit only.

**Sd/- (Principal)**

## ସଂକ୍ଷେପରେ

### ଜିଲାସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ

**ଯାଜପୁର ରୋଡ, ୮।୮(ଡି.ଏନ.ଏ.):** ସ୍ୱାଧୀନତାର ଅମୃତ ମହୋତ୍ସବ ସମାରୋହ ସମିତି ଯାଜପୁର ଜିଲା ତରଫରୁ ସୋମବାର ଯାଜପୁରରୋଡ ମଧୁସୂଦନ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଜିଲାସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମାରୋହ ସମିତିର ଜିଲା ସଂଯୋଜକ ପ୍ରଦୀପ୍ତ ରଞ୍ଜନ ସାମଲ ଓ ସହ ସଂଯୋଜକ ସନ୍ଦୀପ କୁମାର ବିଶ୍ୱାଳଙ୍କ ମଞ୍ଚ ପରିଚାଳନାରେ ଅବସରପ୍ରାପ୍ତ ପ୍ରାଧାପକ ରବିନାରାୟଣ ପଣ୍ଡା ମୁଖ୍ୟବକ୍ତା, ହାଇକୋର୍ଟ ଆଇନଜୀବୀ ସର୍ବେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାକ୍ ସ୍ୱାଧୀନତା ସଂଗ୍ରାମର ଅନାଲୋଚିତ ସଂଘର୍ଷମୟ ଇତିହାସ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜାତୀୟ ପତାକା ଉତ୍ତୋଳନ, ଜାତୀୟ ସଙ୍ଗୀତ ଗାନ ଏବଂ ଶେଷରେ ବନ୍ଦେ ମାତରମ୍ ଗାନ କରାଯାଇଥିଲା।

### ଝିଙ୍କପାହାଡ଼ି ସ୍କୁଲର ୬ ଛାତ୍ରୀ ଅସୁସ୍ଥ

**ବାଙ୍ଗିରିପୋଷି,୮।୮(ଡି.ଏନ.ଏ.):** ବାଙ୍ଗିରିପୋଷି ବ୍ଲକ ନାଙ୍ଗ୍ରି ପଞ୍ଚାୟତ ଅନ୍ତର୍ଗତ ଝିଙ୍କପାହାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟର ୬ ଛାତ୍ରୀ ସୋମବାର ହାଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ଚିକିତ୍ସାପାଇଁ ସେମାନଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନେ ସୁସ୍ଥ ହୋଇ ଫେରି ଆସିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଅସୁସ୍ଥ ଛାତ୍ରୀମାନେ ନେତ୍ରାପଟ ଆବାସିକ ବିଦ୍ୟାଳୟ ହଷ୍ଟେଲରେ ରୁହନ୍ତି। ସେଠାରୁ ୯ଟା ବେଳେ ଭାତ ଓ ସୋୟାବିନ ତରକାରୀ ଭୋଜନ କରି ଝିଙ୍କପାହାଡ଼ି ପ୍ରାଥମିକ ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଆସିଥିଲେ। ମଧ୍ୟାହ୍ନ ସମୟରେ ୬ଜଣ ଛାତ୍ରୀ ବାନ୍ତି କରିବା ସହ ଅସୁସ୍ଥ ହୋଇ ପଡ଼ିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳଦା ବେହେରା ଓ ସହକାରୀ ଶିକ୍ଷୟିତ୍ରୀ ସରସ୍ୱତୀ ସୋରେନ ଅଧ୍ୟୟନରତ ମୋଟ ୬୬ ଛାତ୍ରୀଛାତ୍ରଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ୩ଟି ଗାଡ଼ିରେ ନେଇ ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଅନୁଭବ କରିବାରୁ ଡାକ୍ତର ସେମାନଙ୍କୁ ବିପଦମୁକ୍ତ ବୋଲି କହି ଡାକ୍ତରଖାନାରୁ ଛାଡ଼ି ଦେଇଥିଲେ। ଛାତ୍ରୀମାନେ ଅସୁସ୍ଥ ହେବାର କାରଣ ସ୍ପଷ୍ଟ ହୋଇନାହିଁ।

### ୩ ଜଣଙ୍କ ଘରୁ ଚୋରି

**ପାଟଣା,୮।୮(ସ୍ୱ ପ୍ର.):** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଝାରବେଡା ଓ କଣ୍ଟିଆପଡା ଗ୍ରାମରେ ସୋମବାର ଦିନ ଦ୍ୱିପହରେ ୩ ଜଣଙ୍କ ଘରେ ଲୁଟେରା ମାନେ ପଶି ଚୋରି କରିଛନ୍ତି। ଲୋକମାନେ ବିଲକୁ କାମ କରିବାକୁ ଯାଇଥିବା ବେଳେ ଏହି ଚୋରି ହୋଇଛି। ଝାରବେଡା ଗ୍ରାମର ରଜତ ବେହେରା ଙ୍କ ଘରୁ ୨ ସୁନା ହାର, ହଳେ କାନଫୁଲ, ୪ ସୁନା ପଦକ, ରୂପା ଚେନ, ବ୍ରେସଲେଟ୍, ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ ୫୫ ହଜାର ଟଙ୍କା ଲୁଟି ନେଇଛନ୍ତି। କଣ୍ଟିଆପଡା ତପନ ନାଏକଙ୍କ ଘର ବାକ୍ସ ଭାଙ୍ଗି ସୁନା ଫୁଲ ସହ ନଗଦ ୨୫ ହଜାର ଟଙ୍କା ଓ ଯଶୋବନ୍ତ ନାଏକଙ୍କ ଘରୁ ବହୁ ସୁନା ଅଳଙ୍କାର ଚୋରି ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୯୩ ବର୍ଷ ପରେ ହେବ ଭୂ-ବନ୍ଦୋବସ୍ତ

# ୬ ମୌଜାର ଚାଷୀ ଖୁସି

- ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଲା
- ଖୁସିବ୍ୟକ୍ତ କଲେ ସଂଗ୍ରାମୀ ନୀଳମଣି

**ବାଲିଚନ୍ଦ୍ରପୁର,୮।୮(ସ୍ୱ.ପ୍ର.)**

ସ୍ୱାଧୀନତାର ୭୫ ବର୍ଷ ପରେ ଯାଜପୁର ଜିଲା ବଡ଼ଚଣା ବ୍ଲକ ଦର୍ପଣ ତହସିଲ ଅନ୍ତର୍ଗତ ୬ ରାଜସ୍ୱ ମୌଜାର ଜମିଜମା ବନ୍ଦୋବସ୍ତ ସଂକ୍ରାନ୍ତିୟ ସଂଶୋଧନ ନିମନ୍ତେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ସମସ୍ୟା ଯୋଗୁ କଳାଶ୍ରୀ, ଚାରିନଙ୍ଗଳ, ପଲେଇ, ପତରାଜପୁର, ପଣସୁଧା ଓ ବରଦା ଆଦି ୬ ମୌଜାର ଅଧିବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ଏବେ ସେଥିରୁ ମୁକ୍ତି ମିଳିବ ବୋଲି ସେମାନେ ଆଶାବାଦୀ ଅଛନ୍ତି। ଏହି ସମାନ ସମସ୍ୟା ଭୋଗୁଥିବା ବଡ଼ଚଣାର ଆହୁରି ୩ ଗ୍ରାମ ସୁଙ୍ଗୁଡ଼ା, ମାତକତପୁର ଓ ଦର୍ପଣଗଡ଼ ମୌଜାର ଜମିଜମା ସଂଶୋଧନ ପାଇଁ ପ୍ରକ୍ରିୟା ଜାରି ରହିଛି।

ସୂଚନା ଅନୁଯାୟୀ, ୧୯୨୯ ବନ୍ଦୋବସ୍ତ ପରେ ରାଜ୍ୟ ସରକାର ସମ୍ପୃକ୍ତ ମୌଜାର ବନ୍ଦୋବସ୍ତ ବା ରେକର୍ଡ଼ ସଂଶୋଧନ ନିମନ୍ତେ ୧୯୭୮ରେ ନୋଟିଫିକେଶନ କରିଥିଲେ। ସେତେବେଳେ ୧୦ ବର୍ଷ ପର୍ଯ୍ୟନ୍ତ ଏହି ସଂଶୋଧନ କାମ ଚାଲିଥିଲା। ହେଲେ ବିଭିନ୍ନ କାରଣରୁ ଏହି ସଂଶୋଧନ କାମ ବନ୍ଦ ହୋଇଯାଇଥିଲା। ଫଳରେ ସେଦିନଠାରୁ ବଡ଼ଚଣାର ଉପରୋକ୍ତ ୯ ମୌଜାର ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଆସୁଥିଲେ। ଜମି ଖର୍ଦ୍ଦି ବିକ୍ରି ହୋଇପାରୁ ନ ଥିଲା। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଫସଲ ବୀମା ଅର୍ଥ ଲୋକେ ପାଇପାରୁ ନ ଥିଲେ। ନାମଲେଖା ସମୟରେ ପିଲାମାନେ ଆବଶ୍ୟକ ପ୍ରମାଣପତ୍ର ପାଇବାରେ ପ୍ରତିବନ୍ଧକ ସୃଷ୍ଟି ହେଉଥିଲା। ଏନେଇ ବାରମ୍ବାର ମୌଜାର ଅଧିବାସୀ ଅଭିଯୋଗ କରି ଆସୁଥିଲେ ମଧ ସରକାର କୌଣସି ପଦକ୍ଷେପ ନେଉ ନ ଥିଲେ। ଶେଷରେ ୨୦୧୨ର ପୁରୁଣା ପ୍ରକ୍ରିୟା ରଦ୍ଦ କରି ନୂତନ ତଥା ଉନ୍ନତ ଟେକ୍ନୋଲୋଜି ମାଧମରେ ଏହି ସଂଶୋଧନ କାମ କରିବା ପାଇଁ ସରକାର ଆଇନ କରିଥିଲେ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୨୦୧୩ରେ ଆଞ୍ଚଳିକ କୃଷକ ସଂଗ୍ରାମ ସମିତିର ସଂଯୋଜକ ତଥା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଆନ୍ଦୋଳନ ଡ଼ାକରା ଦିଆଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କୁ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଥିଲା। କରୋନା କଟକଣା ଯୋଗୁ ତତ୍କାଳନୀ ଜିଲାପାଳ ଅନିଲ କୁମାର ସାମଲ ସଂଗ୍ରାମୀଙ୍କ ଘରକୁ ପୁରସ୍କାର ପ୍ରଦାନ କରିବା ନିମନ୍ତେ ଯାଇଥିଲେ। ଏହି ଅବସରରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥିଙ୍କ ଉପସ୍ଥିତିରେ ଜିଲାପାଳଙ୍କୁ ନୀଳମଣି ବନ୍ଦୋବସ୍ତ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମୁଁ ଜୀବିତ ଥିବା ଅବସ୍ଥାରେ ଯଦି ସରକାର ବନ୍ଦୋବସ୍ତ ପ୍ରକ୍ରିୟା କରନ୍ତି ତେବେ ଏହା ମୋର ଶେଷ ଇଚ୍ଛା ହେବ ବୋଲି ବିଧାୟକ ଶତପଥୀ ଓ ଜିଲାପାଳ ସାମଲଙ୍କୁ ନୀଳମଣି କହିଥିଲେ। ଏହାପରେ ୨୦୧୪ରେ ସମ୍ପୃକ୍ତ ମୌଜାର ଡ଼ି-ନୋଟିଫିକେଶନ କରାଯାଇ ବିଭାଗରେ ଥିବା କର୍ମଚାରୀମାନଙ୍କୁ ନେଇ ଏ ସଂକ୍ରାନ୍ତରେ କାମ କରିବାକୁ ସରକାରଙ୍କ ରାଜସ୍ୱ ବିଭାଗ ପ୍ରତିଶ୍ରୁତି ଦେଇଥିଲା। ଏହା ପରେ ବିଭାଗୀୟ ଅତିରିକ୍ତ ସଚିବ ଏହି ସମସ୍ୟାର ସମାଧାନ ନିମନ୍ତେ ତଦନ୍ତ କରି ଅନୁକୂଳ ରିପୋର୍ଟ ଦେଇଥିଲେ ମଧ ସେହି କାମ ଅଗ୍ରଗତି ହୋଇ ନ ଥିଲା। ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ୨୦୨୨ ମେ ୨୪ରେ ଯାଜପୁର ଜିଲା ସମେତ ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଳାହାଣ୍ଡି ଜିଲାର ବନ୍ଦୋବସ୍ତ କାମ କରାଯିବା ପାଇଁ ଚିଠି ନମ୍ବର ୧୬୮୧୨/୨୨ରେ ସମସ୍ତ ମୌଜାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଦର୍ପଣ ତହସିଲର କୌଣସି ମୌଜା ଏହି ପ୍ରକ୍ରିୟାରେ ସ୍ଥାନ ପାଇ ନ ଥିଲା। ଏହା ପରେ ଆଞ୍ଚଳିକ କୃଷକ ସଂଗ୍ରାମ ସମିତିର ସଂଯୋଜକ ସାମଲ ବିଭାଗୀୟ ଅଧିକାରୀଙ୍କ ନିକଟରେ ପୁନର୍ବିଚାର ପାଇଁ ଦାବି କରିଥିଲେ। ଶେଷରେ ଉପରୋକ୍ତ ମୌଜାର ବନ୍ଦୋବସ୍ତ କାର୍ଯ୍ୟ ପାଇଁ ଚଳିତ ମାସ ୧ରେ ଚିଠି ନମ୍ବର ୨୫୬୫୪/୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସଂଗ୍ରାମୀ ନୀଳମଣି ସାମଲ ଖୁସିବ୍ୟକ୍ତ କରିବା ସହ ମୋର ଶେଷ ଇଚ୍ଛା ରାଜ୍ୟ ସରକାର ପୂରଣ କରିଛନ୍ତି ବୋଲି ସେ କହିଛନ୍ତି। ତେବେ ଏହି ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ମୌଜା ଦର୍ପଣଗଡ଼, ସୁଙ୍ଗୁଡ଼ା ଓ ମାତାକାତପୁରର ସଂଶୋଧନ କାର୍ଯ୍ୟ କରିବା ପାଇଁ ସେ ଦାବି କରିଛନ୍ତି।



# ଠିକା ଶ୍ରମିକ ବନ୍ଦ, ସ୍ଥାୟୀ ନିଯୁକ୍ତି ଦାବି ତେଜିଲା



ସିଆଇଟିୟୁ ଏବଂ ଓଡ଼ିଶା କୃଷକ ସଭା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସିଆଇଟିୟୁ ଏବଂ ଓଡ଼ିଶା କୃଷକ ସଭାର ମିଳିତ ବିକ୍ଷୋଭ

**ଯାଜପୁର ଅଫିସ,୮।୮**

ଭାରତ ଛାଡ଼ ଆନ୍ଦୋଳନର ସ୍ମାରକୀ ଉପଲକ୍ଷେ ସୋମବାର ଯାଜପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ସିଆଇଟିୟୁ ଏବଂ ଓଡ଼ିଶା କୃଷକ ସଭା (ଏଆଇକେଏସ୍)ର ମିଳିତ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଖାଦ୍ୟଦ୍ରବ୍ୟ ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା, ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ବନ୍ଦ, ଶ୍ରମିକ ବିରୋଧୀ ୪ ଶ୍ରମକୋଡ୍ ବାତିଲ କରିବା, ସମସ୍ତ ଫସଲର ଏମ୍ଏସ୍‌ପି ପାଇଁ ଆଇନଗତ ବ୍ୟବସ୍ଥା, ସମସ୍ତ କୃଷକଙ୍କୁ ଏକକାଳୀନ ଋଣ ମୁକ୍ତ, ସମସ୍ତଙ୍କ ପାଇଁ ସରକାରୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି, ସରକାରୀ ସମ୍ପତ୍ତି ବିକ୍ରି/ଘରୋଇକରଣ ବନ୍ଦ, ଠିକା ଏବଂ ଆଉଟ୍ ସୋର୍ସିଂ ବ୍ୟବସ୍ଥା ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦେବା, କର୍ପୋରେଟମାନଙ୍କ ଦ୍ୱାରା ଜାତୀୟ ସମ୍ପତ୍ତି/ସମ୍ପଦ ଲୁଣ୍ଠନ ବନ୍ଦ କରିବା, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବର୍ଷକୁ ୨୦୦ ଦିନର କାମ ଏବଂ ଦୈନିକ ମଜୁରି ୭୦୦ଟଙ୍କା ଧାର୍ଯ୍ୟ, ସରକାରୀ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଖାଲି ପଡ଼ିଥିବା ସମସ୍ତ ପଦବୀ ପୂରଣ, ସମସ୍ତ ସ୍କିମ୍ ଶ୍ରମିକମାନଙ୍କୁ ଶ୍ରମିକର ମାନ୍ୟତା ଦେବା ଓ ସ୍ଥାୟୀ ନିଯୁକ୍ତି, ନିର୍ମାଣ ଶ୍ରମିକମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ଦାବି ହୋଇଥିଲା। ସିଆଇଟିୟୁ ଜିଲା ଆବାହକ ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ କୃଷକ ସଭାର ଜିଲା ସଭାପତି ଗଣେଶ ସାହୁ, ସିଆଇଟିୟୁର ଜିଲା କର୍ମକର୍ତ୍ତା ବିଜୟ ନାୟକ, ଅମୂଲ୍ୟ ସାମଲ, ନିର୍ମଳ ରଥ, ଲାଲମଣି ମୁଣ୍ଡା, ଦିଲୀପ ଦାସ, ପ୍ରକାଶ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଯାଜପୁର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରିଥିବା ଶ୍ରମିକ-କୃଷକ ମିଳିତ ଶୋଭାଯାତ୍ରାରେ ବ୍ରହ୍ମାନନ୍ଦ ବାରିକ, ମାଧବ କୁଣ୍ଡୁ, ସତ୍ୟଜିତ ସାହୁ, ସୁରେଶ ସାହୁ, ଅଭୟ ଓଝା, ପ୍ରତ୍ୟୁଷ ସାହୁ, ସୁବ୍ରତ ଯେନା, ମଣି ଚରଣ ସାହୁ, ବିଦ୍ୟାଧର ସାହୁ, ମଧୁସୂଦନ ନାୟକ, ପ୍ରଭାତୀ ସାହୁ, ରୀନାରାଣୀ ସାହୁ ଓ ସୁମିତ୍ରା ରାଉଳ ପ୍ରମୁଖ ଶ୍ରମିକ ଏବଂ କୃଷକ ଯୋଗଦାନ କରି ସରକାରଙ୍କ ଜନବିରୋଧୀ ନୀତିର ପ୍ରତିବାଦ ଜଣାଇଥିଲେ।

## ବୁଷ୍ଟର ଡୋଜ୍ ଟିକା ନେବା ପରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ବରୀ,୮।୮ (ଡି.ଏନ.ଏ.)**

ବୁଷ୍ଟର ଡୋଜ୍ ଟିକା ନେବା ପରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଯାଜପୁର ଜିଲା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ରତଳାଙ୍ଗ ପଞ୍ଚାୟତର ପାକେଇ ମଲ୍ଲିକ। ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତ ଅଧୀନ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ସରକାରଙ୍କ ତରଫରୁ କରୋନା ନିରାକରଣ ପାଇଁ ବୁଷ୍ଟର ଡୋଜ୍ ଟିକା ଦେବାର ବ୍ୟବସ୍ଥା ହୋଇଛି। ସୋମବାର ପାକେଇ ଟିକା ନେବା ପାଇଁ ଆସିଥିଲେ। ଟିକା ନେବାର କିଛି ସମୟ ପରେ ସେ ସେଠାରେ ଅଚେତ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସବ୍ୟସାଚୀ ଦାସଙ୍କୁ ପଚାରିବାରେ ବୁଷ୍ଟର ଡୋଜ୍ ଟିକା କ୍ଷତିକାରକ ନୁହେଁ। କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା ତାହା ମୃତଦେହ ବ୍ୟବଚ୍ଛେଦ ପରେ ଜଣା ପଡିବ ବୋଲି କହିଛନ୍ତି। ବରୀ ଥାନା ପୋଲିସ ମୃତଦେହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ସିବିଆଇ ତଦନ୍ତ ଦାବିରେ ଧାରଣାରେ ବସିଲେ ପିହୁଙ୍କ ମା’

**ଯାଜପୁର ଟାଉନ,୮।୮(ଡି.ଏନ.ଏ.)**



୪ବର୍ଷର ଶିଶୁକନ୍ୟା ପିହୁ ନିଖୋଜ ହେବାର ୨ବର୍ଷ ବିତି ଥିଲେ ମଧ ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ପିହୁଙ୍କ ମା’ ମୋନାଲିସା ସିବିଆଇ ତଦନ୍ତ ଦାବିରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

ସୂଚନାଯୋଗ୍ୟ, ବିଂଝାରପୁର ଥାନା ଅଧୀନ ମଧୁସୂଦନପୁର ଗ୍ରାମର ୪ବର୍ଷୀୟା ଶିଶୁ କନ୍ୟା ପିହୁ ୨୦୨୦ଅଗଷ୍ଟ ୯ରେ ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ନିଖୋଜ ହୋଇ ଯାଇଥିଲେ। ବହୁ ଖୋଜା ଖୋଜି କରିବା ପରେ ପିହୁଙ୍କୁ ପରିବାର ଲୋକେ ପାଇ ନ ଥିଲେ। ୧୦ ତାରିଖରେ ପିହୁଙ୍କ ମା’ ମୋନାଲିସା ବିଂଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ମାମଲା ରୁଜୁ କରି ନ ଥିଲା। ବହୁ ଦାବି ଫଳରେ ସେହିମାସ ୧୪ ତାରିଖରେ ପୋଲିସ ଏକ ନିଖୋଜ ମାମଲା (ନଂ.୨୮/୨୦୨୦) ରୁଜୁ କରିଥିଲା। ହେଲେ ପିହୁଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଅପରପକ୍ଷେ ଝିଅକୁ ଖୋଜି ଆଣିବାକୁ ମୋନାଲିସା ବାରମ୍ବାର ଥାନାକୁ ଦୌଡିଥିଲେ। ଏଥିରେ ବ୍ୟସ୍ତ ହୋଇ ଥାନା ଅଧିକାରୀ ନିରଞ୍ଜନ ସବର ମୋନାଲିସାଙ୍କୁ ଗାଳିଗୁଲଜ କରି ତଡିଦେଇଥିଲେ। ପରେ ମୋନାଲିସା ଯାଜପୁର ଏସ୍‌ପି, ଡିଜିପି, କ୍ରାଇମ୍‌ବ୍ରାଞ୍ଚ, ରାଜ୍ୟ ମହିଳା ଓ ଶିଶୁ କମିଶନ, ମୁଖମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଏକାଧିକ ଥର ଜଣାଇବା ପରେ ବି ପିହୁଙ୍କୁ ଉଦ୍ଧାର କରାଯାଇପାରି ନାହିଁ ବୋଲି ମୋନାଲିସା ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାର ସିବିଆଇ ତଦନ୍ତ ଦାବି କରି ମୋନାଲିସା ସୋମବାର ଧାରଣାରେ ବସିଛନ୍ତି।

# ଚାଷୀଙ୍କ ସହ ଧାନକ୍ଷେତରେ ତ୍ରିରଙ୍ଗା ଉଡାଇଲେ ଯବାନ

**ଖଇରା, ୮।୮(ଡି.ଏନ.ଏ.)**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଶାସ୍ତ୍ରୀଜୀଙ୍କ ସ୍ଲୋଗାନ ଜୟ ଯବାନ ଜୟ କିଶାନକୁ ସାର୍ଥକ କରିବାକୁ ନିଆରା ପଦକ୍ଷେପ ହାତକୁ ନେଇଛନ୍ତି ଖଇରା ବ୍ଲକ କଣ୍ଟାବଣିଆ ଗ୍ରାମ ନିବାସୀ ତଥା ସିଆରପିଏଫ୍ ଯବାନ ମୟୂର ଦାସ। ସୋମବାର ସେ କେତେଜଣ ଯୁବଗୋଷ୍ଠୀଙ୍କୁ ସାଥୀ କରି ସାରଡାଙ୍ଗ ଗ୍ରାମ ନିକଟରେ ଧାନକ୍ଷେତକୁ ଯାଇ କାମ କରୁଥିବା


ଚାଷୀ ଯୁବଗୋଷ୍ଠୀଙ୍କ ସହ ମିଶି ଧାନ କ୍ଷେତରେ ସିଆରପିଏଫ୍ ଯବାନ ମୟୂର ଦାସ ତ୍ରିରଙ୍ଗା ପ୍ରଦର୍ଶନ କରୁଛନ୍ତି।

ଚାଷୀଙ୍କୁ ତ୍ରିରଙ୍ଗା ଧରାଇବା ସହ ଚଳିତବର୍ଷ ସ୍ୱାଧୀନତା ଦିବସ ପାଳନରେ ସାମିଲ ପାଇଁ ଅନୁରୋଧ କରିଥିଲେ। ଲୋକଙ୍କ ପେଟକୁ ଦାନା ଯୋଗାଇବା ସହ ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ ପାଇଁ କୃଷକଙ୍କର ଯଥେଷ୍ଟ ଅବଦାନ ଥିବାରୁ ଯବାନଙ୍କ ଭଳି ସେମାନେ ମଧ ସମ୍ମାନ ପାଇବା ପାଇଁ ହକ୍‌ଦାର। ଏଣୁ ୭୫ବର୍ଷ ପୂର୍ତ୍ତିରେ ସାରା ଦେଶରେ ଅମୃତ କା ମହୋତ୍ସବ ଚାଲିଥିବା ବେଳେ ଅଧିକ ସଂଖ୍ୟାରେ ଚାଷୀଙ୍କୁ ସାମିଲ ପାଇଁ ତାଙ୍କର ଏହା ଛୋଟ ପ୍ରୟାସ ବୋଲି ମୟୂର ପ୍ରତିକ୍ରିୟାରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ତାଙ୍କୁ ସହଯୋଗ କରିବା ସହ ସମସ୍ତ ଚାଷୀଙ୍କୁ ମିଠାବାଣ୍ଟି ଖୁସି ମନାଇଥିଲେ।

## ହୃଦ୍‌ରୋଗ ଅସ୍ତ୍ରୋପଚାର ପାଇଁ ୭ଶିଶୁ ହାୱଡା ଗଲେ

**କେନ୍ଦୁଝର, ୮।୮ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ଅର୍ନ୍ତଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧମରେ ରବିବାର ରାତି ୯ଟାରେ ହୃଦ୍‌ରୋଗରେ ପିଡିତ ଥିବା ୭ ଜଣ ଶିଶୁଙ୍କୁ ମାଗଣା ଅସ୍ତ୍ରୋପଚାର ନିମନ୍ତେ ପଶ୍ଚିମବଙ୍ଗର ହାୱଡା ସ୍ଥିତ ନାରାୟଣ ସୁପର ସ୍ପେଶାଲିଟି ହସ୍ପିଟାଲ୍‌କୁ ପ୍ରେରଣ କରାଯାଇଛି। ହାଟଡିହୀ, ଘଷିପୁରା, ଚମ୍ପୁଆ, ହରିଚନ୍ଦନପୁର ବ୍ଲକରୁ ଜଣେ ଲେଖାଏଁ ଏବଂ କେନ୍ଦୁଝର ସଦର ବ୍ଲକରୁ ୩ ଜଣଙ୍କୁ ଚିହ୍ନଟ କରାଯାଇ ଏହି ଚିକିତ୍ସା ପାଇଁ ପଠାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜିଲା ମୁଖ୍ୟ ଡାକ୍ତରଖାନାରୁ ଏକ ବସ୍ ଯୋଗେ ହାୱଡାକୁ ପଠାଯାଇଛି। ସେମାନଙ୍କ ଗମନାଗମନ ତଥା ଅସ୍ତ୍ରୋପଚାରର ବ୍ୟବସ୍ଥା ମାଗଣାରେ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତାରାଣୀ ମିଶ୍ର ଏବଂ ଆର୍‌ବିଏସ୍‌କେ ମ୍ୟାନେଜର ବିଜନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଶିଶୁଙ୍କୁ ପଠାଯାଇଛି। ସେମାନଙ୍କ ସହ ଆର୍.ବି.ଏସ୍.କେ. କେନ୍ଦୁଝରର ଫାର୍ମାଶିଷ୍ଟ ବିଜୟ ମାଧବ ମହାନ୍ତଙ୍କୁ ସାଙ୍ଗରେ ପଠାଯାଇଛି।

## ମଦ ଦୋକାନକୁ ଗ୍ରାମବାସୀଙ୍କ ବିରୋଧ

**କାଳିଆପାଣି,୮।୮(ଡି.ଏନ.ଏ.)**

ଖଣି ଅଞ୍ଚଳର କଲରଙ୍ଗି ଗ୍ରାମରେ ଚାଲିଥିବା ଦେଶୀ ମଦ ଦୋକାନକୁ ନେଇ ବଢୁଛି ଜନ ଅସନ୍ତୋଷ। ଏହି ମଦ ଦୋକାନକୁ ଅଞ୍ଚଳବାସୀ ବିରୋଧ କରୁଥିଲେ ମଧ୍ୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ମଦ ଦୋକାନଠାରୁ କଲରଙ୍ଗି ନୋଡାଲ ସ୍କୁଲର ଦୂରତା ମାତ୍ର ୩ଶହ ମିଟର। ପ୍ରତିଦିନ ସ୍କୁଲକୁ ଆସୁଥିବା କୋମଳମତି ଶିଶୁମାନଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ଅଧିକାଂଶ ସମୟରେ ପିଲାମାନେ ମଦ୍ୟପମାନଙ୍କ ଦୌରାତ୍ମ୍ୟର ଶିକାର ହେଉଛନ୍ତି। ନିକଟରେ ଗ୍ରାମର ଆରାଧ୍ୟ ଦେବସ୍ଥଳ କ୍ଷେତ୍ରପାଳଙ୍କ ପୀଠ ଲାଗି ରହିଛି। କଲରଙ୍ଗି ଓ ରଂଷୋଳ ଗ୍ରାମ ରାସ୍ତାକଡ଼ରେ ମଦ ଦୋକାନ ଚାଲୁ ଥିବାରୁ ଉଭୟ ଗ୍ରାମରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପାଟିତୁଣ୍ଡ, କଳି ଝଗଡ଼ା ଚାଲିଛି। ମଦ ଦୋକାନର ଗୋଟିଏ ପାର୍ଶ୍ୱରେ ବିସ୍ତୀର୍ଣ୍ଣ ଜଙ୍ଗଲ ଓ ଖୋଲା ପଡିଆ ରହିଛି। ଅନ୍ୟ ପାର୍ଶ୍ୱରେ ଚାଷ ଜମି ଓ କେନାଲ ରହିଛି। ସକାଳ ୧୦ରୁ ରାତ୍ର ୧୨ଟା ପର୍ଯ୍ୟନ୍ତ ଏହି ଜଙ୍ଗଲରେ ନିଶାଖୋରଙ୍କ ଆଡ୍ଡା ଜମୁଛି। ଏହି ସୁଯୋଗରେ ସେମାନେ ଚୋରି, ଡକାୟତି, ରାହାଜାନୀ ଓ କ୍ରୋମାଇଟ ଚୋରିର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଅଭିଯୋଗ ହେଉଛି। ଚାଷ ଜମିରେ ବି ମଦ ବୋତଲ, ମାଛ ମାଂସ କଣ୍ଟା, ପଲିଥିନ, ଭଙ୍ଗା ଗ୍ଲାସ ପକାଇ ମଦ୍ୟପାନ କରୁଥିବା ବ୍ୟକ୍ତିମାନେ ଚାଲି ଯାଉଛନ୍ତି। ଏଥିପାଇଁ ବହୁ ଚାଷୀ ସେହି କାଚରେ ଆହତ ହେଉଥିବା ଅଭିଯୋଗ ହୋଇଛି। ଆଦିବାସୀ ଓ ମହାନ୍ତ ସମ୍ପ୍ରଦାୟ ଲୋକମାନେ ନିକଟସ୍ଥ ଜଙ୍ଗଲ ଉପରେ କାଠ, ପତ୍ର, ଛତୁ, ଗାଈ, ଛେଳି, ଝୁଲ, ମହୁଲ ଓ ଜଙ୍ଗଲ ଯାତ ଦ୍ରବ୍ୟ ଉପରେ ନିର୍ଭର କରିଥାଆନ୍ତି। ସାଧାରଣତଃ ମହିଳାମାନେ ଜଙ୍ଗଲକୁ ଯାଇ ଏହି କାମ ସମ୍ପାଦିତ କରିଥାନ୍ତି। ହେଲେ ୨ ବର୍ଷ ହେଲା ମଦୁଆଙ୍କ ଆଡ୍ଡାସ୍ଥଳି ପାଲଟି ଥିବାରୁ ମହିଳାମାନେ ଜଙ୍ଗଲ ଯିବାକୁ ଆଉ ସୁରକ୍ଷିତ ମନେ କରୁ ନାହାନ୍ତି। ତୁରନ୍ତ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏଥିରେ ବ୍ୟତିକ୍ରମ ଘଟିଲେ ମହିଳାମାନେ ଆଇନକୁ ହାତକୁ ନେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଶ୍ରୀ ଜୟଦେବ ଉତ୍ସବ, ବର୍ଷା କବିତା ଆସର

**ପାଣିକୋଇଲି,୮।୮(ଡି.ଏନ.ଏ.)**

କୋରାଇ ମଣ୍ଡଳ ସାହିତ୍ୟ ସଂସଦର ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସଭା ଓ ବର୍ଷା କବିତା ଆସର କୋରାଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତ ପଣ୍ଡୁଳା(ମୃତ୍ୟୁଞ୍ଜୟପୁର) ସ୍ଥିତ ହିଙ୍ଗୁଳା କଲ୍ୟାଣଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ବର୍ଦ୍ଧନା ସଭା ଓ ଜୟଦେବଙ୍କ ଉପରେ ଆଲୋଚନା ଚକ୍ର ସଭାପତି ନନ୍ଦକିଶୋର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟକ ଭାବେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଯୋଗଦେଇ କବି ଜୟଦେବଙ୍କ ଗୀତଗୋବିନ୍ଦ ଗାନ ପରେ ଜଗତରନାଥ ଜଗନ୍ନାଥ ଶୟନ କରିଥାନ୍ତି; ଯାହାକି କବିଙ୍କ ଲେଖନୀର ସୃଜନୀରେ ମହାନ ଶକ୍ତିଥିବା କହିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ମାୟାଧର ନାୟକ, ମୁଖ୍ୟବକ୍ତା ଭାବେ


ଜୟଦେବ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ପ୍ରାଧ୍ୟାପକ ଡକ୍ଟର ଯତିନ୍ଦ୍ର କୁମାର ରାଉତ ଯୋଗଦେଇ କବିଙ୍କ କବିତାରେ ବର୍ଷା ଶୃଙ୍ଗାର ଓ ସମ୍ଭାବନା ସୃଷ୍ଟି କରିଥାଏ ବୋଲି କହିଥିଲେ। ସଂସଦର କାର୍ଯ୍ୟନିର୍ବାହୀ ସମ୍ପାଦକ ଦୟାନିଧି ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଚଳିତ ବର୍ଷର ‘ଜୟଦେବ ସମ୍ମାନ’ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ମଞ୍ଜୁଶ୍ରୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା ବେଳେ ‘ଗାୟକ ନାଟରାଜ କଳା ସମ୍ମାନ’ ପାଲା ଗାୟକ ମଧୁସୂଦନ କର ଓ ‘କିଶୋରଚନ୍ଦ୍ର ଦାସ ସ୍ମୃତି ସମ୍ମାନ’ ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟନିର୍ଦ୍ଦେଶକ ମନମୋହନ ଆଏଚଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଔପନ୍ୟାସିକା ଜୟନ୍ତୀ ଜେନାଙ୍କ ‘ବେଳାଭୂମି’ ଉପନ୍ୟାସକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

ପ୍ରାରମ୍ଭିକ ଅଧିବେଶନରେ ବର୍ଷା କବିତା ଆସର ଅନୁଷ୍ଠାନର ଉପସଭାପତି ବିନୋଦ ବିହାରୀ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଶିବଚରଣ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ଆସରରେ ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ଅକ୍ଷୟ କୁମାର ମହାନ୍ତି, ଡକ୍ଟର ମୋହନଚରଣ ଖୁଣ୍ଟିଆ ଓ ପ୍ରଭାତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। କବୟିତ୍ରୀ ସନ୍ଧ୍ୟାରାଣୀ ଘଡାଇ ଓ ଡକ୍ଟର ପ୍ରଜ୍ଞାପ୍ରବର୍ତ୍ତିକା ଦାଶଙ୍କ ସଂଯୋଜନାରେ କୋରାଇର ସାଲବେଗ ନସମୁଲ ଗନି, ‘ଗୋକର୍ଣ୍ଣିକା’ର ସମ୍ପାଦକ ରମାକାନ୍ତ ଜେନା, ‘ଚିରନ୍ତନୀ’ର ସମ୍ପାଦିକା ସଂଯୁକ୍ତା ମହାପାତ୍ର, ‘ସାହିତ୍ୟ ଦର୍ପଣ’ର ସମ୍ପାଦକ ବିମଳ ପତି, ମମତାଜ ଅଲ୍ଲୀ, କବି ନାରାୟଣ ମହାଳିକ, ରାମଚନ୍ଦ୍ର ଦାସ, ମଧୁସୂଦନ ମହାପାତ୍ର, ମଧୁସ୍ମିତା ନାୟକ, ଓମ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସଙ୍ଗଠନ ସମ୍ପାଦକ ଭୁବନମୋହନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ବିରିଡି ଅଧ୍ୟକ୍ଷାଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ**

ବାଲିଆ,(ସ୍ୱ.ପ୍ର); ବିରିଡି ବ୍ଲକ କାର୍ଯ୍ୟାଳୟ ପରିସରରେ ନିର୍ମାଣ କରାଯାଇଥିବା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ନୂତନ କାର୍ଯ୍ୟାଳୟକୁ ସୋମବାର ଜଗତସିଂହପୁର ଜିଲାପାଳ ପାରୁଲ ପାଟୱାରୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକି ପ୍ରିୟଦର୍ଶିନୀ, ସାମାଜିକ କର୍ମୀ ନେତ୍ରାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



ବିରିଡି/ବାଲିଆ,୮।୮। (ଡି.ଏନ୍.ଏ./ସ୍ୱ.ପ୍ର.) ବିରିଡି ବ୍ଲକ ମଙ୍ଗୁଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବସୁମାତା ଆନୁକୂଲ୍ୟରେ ସୋମବାର ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏନେଇ ବିରିଡି ବ୍ଲକ ମଙ୍ଗୁଲି ଗ୍ରାମର ଶହୀଦ ଯବାନ ଲଲାଟ କୁମାର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଡୋଗ୍ରା ରେଜିମେଣ୍ଟର ହାବିଲ୍‌ଦାର ଇନ୍ଦ୍ରଜିତ ଶର୍ମା ଯୋଗଦେଇ ଶହୀଦ ଯବାନ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ସ୍ତ୍ରୀ ସସ୍ମିତାଙ୍କୁ ଏକ ପଦକ ଦେଇ ସମ୍ମାନିତ କରିଥିଲେ। ସ୍ୱର୍ଗତ ମହାନ୍ତି ୧୯୯୧ରେ ବିହାର ରେଜିମେଣ୍ଟରେ କାର୍ଯ୍ୟକରି ଶ୍ରୀନଗରର ବିନ୍ଦିପୁରରେ ସନ୍ତ୍ରାସବାଦଙ୍କ ଗୁଳିରେ ନିହତ ହୋଇ ଶହୀଦ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଶହୀଦଙ୍କ ପ୍ରତିମୂର୍ତ୍ତି ନିକଟରେ ବସୁମାତା ପକ୍ଷରୁ ସମ୍ପାଦକ ଗୟାଧର ମହାନ୍ତିଙ୍କ ତତ୍ତ୍ୱାବଧାନରେ 'ଜଗା ପାଇଁ ଗଛଟିଏ' କାର୍ଯ୍ୟକ୍ରମକୁ ହାବିଲଦାର ଶର୍ମା ଉଦ୍‌ଘାଟନ କରିବା ସହ ସେଠାରେ ଚାରା ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କ୍ୟାପଟେନ ପ୍ରସନ୍ନ ଜେନା, ସରପଞ୍ଚ ନିରଞ୍ଜନ ସେଠୀ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ମଙ୍ଗୁଲି ସମବାୟ ସମିତି ସଭାପତି ରବୀନ୍ଦ୍ର ସାହୁ ଓ ମଙ୍ଗୁଲି ଶିଶୁ ମନ୍ଦିରର ଏନ୍‌ସିସି ଛାତ୍ରୀଛାତ୍ରମାନେ ଯୋଗଦେଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

### ୨୫୩ ଅଭିଯୋଗ ଶୁଣିଲେ ଜିଲାପାଳ

ରାଜନଗର, ୮।୮(ଡି.ଏନ.ଏ.): ରାଜନଗର ବ୍ଲକ ସଭାଗୃହରେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୨୫୩ଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୨୩୦ଟି ବ୍ୟକ୍ତିଗତ ଓ ୨୩ଟି ସାମୂହିକ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ସର୍ବାଧିକ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ରାଶନ କାର୍ଡରୁ ନାଆଁ କଟିବା, ନୂତନ ରାଶନ କାର୍ଡ, ବସୁନ୍ଧରା ଯୋଜନାରେ ଜମିପଟ୍ଟା ଯୋଗାଇ ଦେବା ସମ୍ପର୍କରେ ଅଭିଯୋଗ ରହିଥିଲା। ଏହାବାଦେ କେତେଗୋଟି ସରକାରୀ କାମରେ ଅନିୟମିତତା ନେଇ ମଧ୍ୟ ଅଭିଯୋଗ ଆସିଥିଲା। ଜିଲାପାଳ ଋତୁରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଏସ୍‌ପି ମଡକର ସମ୍ପିତ ସମ୍ପଦ, ଉପଜିଲାପାଳ ନିରଞ୍ଜନ ବେହେରା, ଏପିଡି ମନ୍ଦରଧର ମହାଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଜିଲା ଜନମଙ୍ଗଳ ଅଧିକାରୀ ଶଙ୍କର ଜେନା, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଭୋଳାନାଥ ସେଠୀ, ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳ ସମ୍ପଦ ବିଭାଗର ଅଧିକାରୀଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇଥିଲେ। ପ୍ରଦ୍ୟୁମ୍ନ କୁମାର ବେହୁରିଆ, ଆଲୋକ କୁମାର ନାୟକ, ଆଶିଷ ସ୍ୱାଇଁ, ବିରଞ୍ଚି ନାରାୟଣ ସାମଲ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ଜଗତ୍‌ସିଂହପୁରରେ ପାସ୍ ହାର ୯୧ ପ୍ରତିଶତ

## ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶିତ

■ ଏସ୍‌ଭିଏମ୍ କଲେଜରେ ଋତୁପର୍ଣ୍ଣା ଟପ୍ପର

ଜଗତ୍‌ସିଂହପୁର ଅଫିସ, ୮।୮

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ରେଗୁଲାର ପରୀକ୍ଷା ଫଳ ସୋମବାର ଅପରାହ୍ଣରେ ପ୍ରକାଶ ପାଇଛି। ଏହାପରେ ଜଗତ୍‌ସିଂହପୁର ଜିଲାରେ ଖୁସିର ପରିବେଶ ସୃଷ୍ଟି ହୋଇଛି। କାରଣ ଅଧିକାଂଶ ମହାବିଦ୍ୟାଳୟର ସନ୍ତୋଷଜନକ ଫଳ ରହିଛି । ଫଳ ପ୍ରକାଶ ପରେ ମହାବିଦ୍ୟାଳୟ ଓ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କ ଘରେ ମିଠା ସାଙ୍ଗକୁ ସେଲିବ୍ରେସନ୍ କରାଯାଇଛି । ଜିଲାର ପୁରାତନ ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ସ୍ୱାମୀ ବିବେକାନନ୍ଦ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ୨ କଳାରେ ୩୮୪ଟି ସିଟ୍ ଥିବାବେଳେ ୩୬୫ ଜଣ ପରୀକ୍ଷା ଦେଇଥିଲେ । ସେଥିରୁ ୯୧% ପାସ୍ କରିଛନ୍ତି । ଅର୍ଥାତ୍ ପ୍ରଥମ ଶ୍ରେଣୀରେ ୨୧୬ ଜଣ, ଦ୍ୱିତୀୟ ୫୬ ଓ ତୃତୀୟ ଶ୍ରେଣୀରେ ୬୦ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ୫ ଜଣ ଅନୁପସ୍ଥିତ ଥିବା ବେଳେ ୨୮ ଜଣ ଫେଲ ହୋଇଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଏହି ପରୀକ୍ଷାରେ ତିର୍ତ୍ତୋଲ ଥାନା ବେଗୁନିଆ ନିକଟବର୍ତ୍ତୀ କୋରକର ଗ୍ରାମର ପ୍ରଭାସିନୀ ପରିଡ଼ା ଓ ରମେଶ ରଞ୍ଜନ ପରିଡ଼ାଙ୍କ କନ୍ୟା ଋତୁପର୍ଣ୍ଣା ପରିଡ଼ା ଟପ୍ପର ହୋଇଛନ୍ତି। ସେ ୬୦୦ରୁ ୫୬୦ ନମ୍ବର ଅର୍ଥାତ୍ ୯୩.୩୩% ରଖି ଗୌରବ ହାସଲ କରିଛନ୍ତି । ଜଗତ୍‌ସିଂହପୁର ସଦରମହକୁମା ନିକଟ ଖେରସ ଗ୍ରାମର ରୀନା ମହାରଣା ଓ ବ୍ରଜକିଶୋର ମହାରଣାଙ୍କ କନ୍ୟା ଅଙ୍କିତା ଆନନ୍ଦିତା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ମୋଟ ୬୦୦ରୁ ୫୩୭ ଅର୍ଥାତ୍ ୮୯.୫% ନମ୍ବର ରଖିଛନ୍ତି। ତୃତୀୟ ସ୍ଥାନରେ ଏରସମା ବ୍ଲକ ଗଡ଼ହରିଶପୁରର ରାଧାରାଣୀ ଭୂୟାଁ ଓ ଗୁରୁପଦ ଭୂୟାଁଙ୍କ କନ୍ୟା ବନାନି ଭୂୟାଁ ରହିଛନ୍ତି । ସେ ୫୩୦ ଅର୍ଥାତ୍ ମୋଟ ନମ୍ବରର ୮୮.୩୩% ନମ୍ବର ରଖିଛନ୍ତି ।

### ଏମାନେ ଯାହା କହନ୍ତି...

**ଭବିଷ୍ୟତରେ ଆଇଏଏସ୍ ହେବାକୁ ଲକ୍ଷ୍ୟ**



ମାଟ୍ରିକରେ ୯୩% ନମ୍ବର ରଖିଥିଲି । ଯୁକ୍ତ ୨ରେ ସମାନ ଫଳ ମିଳିଛି । ଏଥିପାଇଁ ମା, ବାପା, ଜେଜେ ବାପାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, କର୍ମଚାରୀଙ୍କୁ ଶ୍ରେୟ ଦେବି। ଏହାପରେ ଯୁକ୍ତ ୩ ରେଭେନ୍ସାରେ ପଢିବାକୁଇଚ୍ଛାଅଛି।ଭବିଷ୍ୟତରେଜଣେଆଇଏଏସ୍‌ହେବାକୁଲକ୍ଷ୍ୟରଖିଛି।

-ଋତୁପର୍ଣ୍ଣା ପରିଡ଼ା, ଯୁକ୍ତ ଦୁଇ କଳା ଟପ୍ପର, ଏସ୍‌ଭିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜଗତ୍‌ସିଂହପୁର

**ଯୁକ୍ତ ୩ ବିଜେବି କଲେଜରେ ପଢ଼ିବାକୁ ଇଚ୍ଛା**



ମାଟ୍ରିକରେ ୯୦.୨% ମାର୍କ ଥିଲା । ଯୁକ୍ତ ୨ରେ ଆଶାଜନକ ଫଳ ମିଳିଛି। ଏଥିପାଇଁ ପରିବାର ଓ ଶିକ୍ଷକମାନଙ୍କୁ ଶ୍ରେୟ ଦେବି । ଆଗକୁ ଯୁକ୍ତ ୩ ସାମାଜିକ ବିଜ୍ଞାନ ସମ୍ମାନ ନେଇ ବିଜେବି କଲେଜରେ ପଢ଼ିବାକୁ ଇଚ୍ଛା ରଖିଛି । ଏହାପରେ ଓଡ଼ିଶାରେ ରହି ଆଇଏଏସ୍ ପାଇଁ କୋଚିଂ ନେବି।

-ଅଙ୍କିତା ଆନନ୍ଦିତା, ଏସ୍‌ଭିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜଗତ୍‌ସିଂହପୁର

**ଅଧ୍ୟାପିକା ହେବାକୁ ଲକ୍ଷ୍ୟ**



ମାଟ୍ରିକରେ ମାତ୍ର ୬୭% ନମ୍ବର ରହିଥିଲା । ଯୁକ୍ତ ୨ରେ କଠିନ ପରିଶ୍ରମ କରିବାରୁ ଭଲ ଫଳ ମିଳିଛି । ଆଗକୁ ଯୁକ୍ତ ୩ ଦର୍ଶନ ବିଜ୍ଞାନ ସମ୍ମାନ ନେଇ ରେଭେନ୍‌ଶାରେ ପଢିବାକୁ ଇଚ୍ଛା । ତା'ପରେ ସ୍ନାତକୋତ୍ତର ପଢି ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛି ।

-ବନାନି ଭୂୟାଁ, ଏସ୍‌ଭିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜଗତ୍‌ସିଂହପୁର

# ଅଧାରୁ ବିଦ୍ୟାଳୟ ଛୁଟି ନେଇ ଅଭିଭାବକଙ୍କ ଅସନ୍ତୋଷ

## ନିଶାଶକ୍ତ ଅବସ୍ଥାରେ ପ୍ରଧାନଶିକ୍ଷକ ଥିବା ଅଭିଯୋଗ

ଡେରାବିଶ, ୮।୮(ସ୍ୱ.ପ୍ର.)

କୋମଳମତି ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରାଯାଉଛି। ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି, ଶିକ୍ଷକଙ୍କ ସମୟାନୁବର୍ତ୍ତିତା ନେଇ ଶିକ୍ଷା ବିଭାଗ ଓ ଛାତ୍ର ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରାଯାଉଛି। ମାତ୍ର କେନ୍ଦ୍ରାପଡ଼ା ଜିଲା ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତ କଂସାରିପାଟଣା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମବାର ମଧ୍ୟାହ୍ନରୁ ବିଦ୍ୟାଳୟକୁ ଛୁଟି କରି ଛାତ୍ରୀଛାତ୍ରମାନଙ୍କୁ ବିଦା କରିଦେବା ନେଇ ସ୍ଥାନୀୟ ଅଞ୍ଚଳର ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କଂସାରୀପାଟଣା ଗାଁର ଅଭିଭାବକ ଶ୍ରୀକାନ୍ତ ମହାରଣା କାର୍ଯ୍ୟରତ ପ୍ରଧାନ ଶିକ୍ଷକ କାଳନ୍ଦୀ ନାୟକଙ୍କୁ ପଚାରିବାରୁ ସେ ନିଶାଶକ୍ତ ଅବସ୍ଥାରେ ଅଭିଭାବକଙ୍କୁ ଗାଳିଗୁଲଜ କରୁଥିବା ଭିଡ଼ିଓ ଭାଇରାଲ୍ ହୋଇଛି। ଏହାକୁ ନେଇ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ତେବେ ଅଭିଭାବକ ପ୍ରଧାନ ଶିକ୍ଷକ ନାୟକଙ୍କୁ ମଧ୍ୟାହ୍ନରେ ବିଦ୍ୟାଳୟ କାହିଁକି ଛୁଟି କଲ ବୋଲି ପଚାରିଥିଲେ। ପ୍ରଧାନ ଶିକ୍ଷକ ନାୟକ ବର୍ଷା ହେଉଥିବାରୁ ବନ୍ଦ କରିବାକୁ ଉପରୁ ନିର୍ଦ୍ଦେଶ ଆସିଥିବା କହିଥିଲେ। ମାତ୍ର ଅଭିଭାବକ ପ୍ରଧାନ ପକ୍କାଗୃହ ଥିବା ବିଦ୍ୟାଳୟ ଘରେ ପଙ୍ଖା ଚାଲିଛି, ଆପଣ ନିଶାଶକ୍ତ ଅବସ୍ଥାରେ ଚେୟାର ଟେବୁଲ୍‌ରେ ଶୋଇଛନ୍ତି, ପିଲାଙ୍କୁ କାହିଁକି ଛୁଟି କରିଦେଲ ପଚାରିବାରୁ ପ୍ରଧାନ ଶିକ୍ଷକ ଉତ୍ତ୍ୟକ୍ତ ହୋଇ ଯାଇଥିଲେ। ଏ ସମସ୍ତ ବିଷୟକୁ କେହି ଜଣେ ଭିଡ଼ିଓ ଉତ୍ତୋଳନ କରି ଭାଇରାଲ କରିଛନ୍ତି। ଭିଡ଼ିଓରେ ଏହି ଦୃଶ୍ୟ ଦେଖି ଶିକ୍ଷକ ଓ ଅଭିଭାବକଙ୍କ ମହଲରେ ଶିକ୍ଷକଙ୍କ ଏଭଳି ଆଚରଣ ନେଇ ଗଭୀର କ୍ଷୋଭ ପ୍ରକାଶ ପାଇଛି। ଏ ବିଷୟରେ ସମ୍ପୃକ୍ତ କ୍ଲଷ୍ଟରର ସିଆରସିସି ମାମୁନି ସିଂଙ୍କୁ ପଚାରିବାରୁ ଏ ଭିଡିଓ ଦେଖିବା ପରେ ବ୍ଲକ ଶିକ୍ଷାଧିକାରୀଙ୍କୁ ସମସ୍ତ ବିଷୟ ଅବଗତ କରିଥିବା ସିଆରସିସି କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ନାୟକଙ୍କୁ ପଚାରିବାରୁ ବର୍ଷା ପାଣି ଶ୍ରେଣୀ ଗୃହରେ ପଶିବାରୁ ୩ଜଣ ପିଲାଙ୍କ ଗୋଡ ଘସି ଯିବାରୁ ପଡି ଯାଇଥିଲେ। ଅଧିକ ବର୍ଷା ଆଶଙ୍କା କରି ବିଦ୍ୟାଳୟକୁ ଶୀଘ୍ର ଛୁଟି କରି ଦେଇଥିଲି। ହେଲେ ମୋ ନାମରେ ଯେଉଁ ନିଶା ଖାଇବା କଥାର ଭିଡିଓ ଭାଇରାଲ ହେଉଛି ତାହା ମିଥ୍ୟା ଓ କପୋଳକଳ୍ପିତ ବୋଲି ସେ କହିଛନ୍ତି।

# ଜିଲାପାଳଙ୍କ ମିଳିତ ଜନଶୁଣାଣିରେ ୫୪ ଅଭିଯୋଗ




ଜିଲାପାଳ ପାରୁଲ ପଟୱାରୀ ଓ ଅନ୍ୟ ପଦାଧିକାରୀମାନେ ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି।

ବିରିଡି/ବାଲିଆ,୮।୮। (ଡି.ଏନ୍.ଏ./ସ୍ୱ.ପ୍ର.)

ବିରିଡି ବ୍ଲକ ସଭା କକ୍ଷରେ ସୋମବାର ଜିଲାପାଳ ପାରୁଲ ପଟୱାରୀଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୪ ଅଭିଯୋଗ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ୪ଟି ଗ୍ରାମ୍ୟ ସମସ୍ୟା, ୧୩ ଆବାସ, ୧୮ ଜମି ଓ ୧୭ ଭତ୍ତାଭିତ୍ତିକ ସମସ୍ୟା ରହିଥିଲା। ଏହାଛଡ଼ା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨ଟି ଶୁଣାଣି ହୋଇଥିଲା। ବିଶେଷ କରି ବୁଢାପଡା ପଞ୍ଚାୟତ ଘାଇ ପୋଖରୀକୁ ମାଲିକମାନଙ୍କୁ ନ ଜଣାଇ ପଞ୍ଚାୟତ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ପୁନରୁଦ୍ଧାର କରାଯାଉଥିବାରୁ ପୋଖରୀର ଅଂଶୀଦାରମାନେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ମଙ୍ଗୁଲି ପଞ୍ଚାୟତରେ ଓଏଲ୍‌ଏମ୍ ପକ୍ଷରୁ ଏମ୍‌ବିକେ ପରୀକ୍ଷା କରାଯାଇଥିଲେ ମଧ୍ୟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ସେହି ଗ୍ରାମର ସୁଜାତା ମିଶ୍ରଙ୍କୁ ଦୀର୍ଘ ୧୭ ମାସ ହେବ ନିଯୁକ୍ତି ଦିଆଯାଉ ନ ଥିବାରୁ ମିଶ୍ର ଦ୍ୱିତୀୟ ଥର ଲାଗି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କୂଳକଇଜଙ୍ଗା ଗ୍ରାମର ପ୍ରାଇମେରି ସ୍କୁଲ କଡରେ ଦୀର୍ଘ ଦିନ ହେବ ହୋଇଥିବା ଏକ ଗୋଦାମ ଗୃହ ନିରାପଦ ନ ଥିବାରୁ ତାକୁ ତୁରନ୍ତ ଭାଙ୍ଗିବା ପାଇଁ କେତେଜଣ ଗ୍ରାମବାସୀ ଅଭିଯୋଗ କରିଥିଲେ । ମହାତୋଳ ଡ୍ରେନେଜ କଟ୍‌ର ବୁଢାପଡା ଠାରେ ହୋଇଥିବା ଆଡିବନ୍ଧ ଯୋଗୁ କୂଳକଇଜଙ୍ଗା ଗ୍ରାମର ଚାଷଜମି ଜଳମଗ୍ନ ହୋଇଯାଉଛି ବୋଲି ଅଭିଯୋଗ ହୋଇଥିଲା। ତାକୁ ତୁରନ୍ତ ଭାଙ୍ଗିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଥିଲା। ଦଣ୍ଡିଲୋ ଅଙ୍ଗନୱାଡି କେନ୍ଦ୍ର(୧) ନିକଟରେ ଥିବା ଇଲେକ୍ଟ୍ରି ଟ୍ରାନ୍ସଫରମରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲା। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଜିଲାପାଳ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାଗଲପୁର ପଞ୍ଚାୟତରେ ସ୍ଥାୟୀ ପିଇଓ ଏବଂ ଜିଆରଏସ୍ ନ ଥିବାରୁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ସରପଞ୍ଚ ତରୁଣ ଦାସ ଅଭିଯୋଗ କରିଛନ୍ତି । ଜିଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମିଳିତ ଜନଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡା, ବିରିଡି ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ପ୍ରତିଯୋଗିତା

ନାଉଗାଁ,୮।୮(ସ୍ୱ.ପ୍ର.): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ନାଉଗାଁରେ ସୋମବାର ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହା ଆୟୋଜନ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତ ଓ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ପ୍ରବନ୍ଧ, କୁଇଜ ଓ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟର ୮୦ ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବିଭାଗ ପ୍ରବନ୍ଧରେ ନାଉଗାଁ ହାଟ ଉଚ୍ଚ ବିଦ୍ୟାଳୟର ପ୍ରତୀକ୍ଷା ମହାନ୍ତି, ଦେଶାତ୍ମବୋଧକ ସଙ୍ଗୀତରେ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗାରୋଇର ସୁଶ୍ରୀ ଶାଶ୍ୱତୀ ପରିଡା, କୁଇଜରେ କଣ୍ଟୁଣିଆ ଉଚ୍ଚ ବିଦ୍ୟାଳୟର କୃଷ୍ଣଅର୍ପିତା ସ୍ୱାଇଁ, କନିଷ୍ଠ ବିଭାଗର ପ୍ରବନ୍ଧରେ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଗାରୋଇର ସ୍ୱୟଂଶ୍ରୀୟା ସେନାପତି, କୁଇଜରେ ପାୟଲ ବିଶ୍ୱାଳ, ଦେଶାତ୍ମକ ବୋଧକ ସଙ୍ଗୀତରେ ସରକାରୀ ଉଚ୍ଚ ବିଦ୍ୟାଳୟ ବଛାଲୋର ସୃଷ୍ଟିରାଜ ରାଉତ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ସୁକାନ୍ତ କୁମାର ଲେଙ୍କା,ବସନ୍ତ କୁମାର ଦାସ, ହିମାଂଶୁ କୁମାର ମହାନ୍ତି, ବୁଲାକି ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

### ୩ ବ୍ରାଉନସୁଗାର ବ୍ୟବସାୟୀ ଗିରଫ

କେନ୍ଦ୍ରାପଡ଼ା ଅଫିସ, ୮।୮

କେନ୍ଦ୍ରାପଡ଼ା ଟାଉନ ପୋଲିସ ୩ ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ସୋମବାର ଗିରଫ କରିଛି। ଏମାନେ ହେଲେ ଫକୀରାବାଦ ଗ୍ରାମର ସେକ୍ ରହିଲ, ମହମ୍ମଦ ଇଞ୍ଜାମୁଲ ହକ୍ ଓ ବଡହାଟ ଗ୍ରାମର ସେକ୍ ଅରସାଦ। ଏମାନଙ୍କଠାରୁ ୯.୫୭ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଥିବା ଥାନା ଅଧିକାରୀ ଗୌରାଙ୍ଗ ପୃଷ୍ଟି ସୂଚନା ଦେଇଛନ୍ତି।

# ପୁନରୁଦ୍ଧାର ହେଲା ଛ'ପୋଲିଆ ଆହାର ନାଳି



ଚଣ୍ଡିଆଗଡି ପଞ୍ଚାୟତ ଛପୋଲିଆ ଆହାର ନାଳିକୁ ପୁନରୁଦ୍ଧାର ପାଇଁ ଖୋଳା ଯାଉଛି।

ଆଳି,୮।୮(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳର ୮୦ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏଠାରେ ଜଳସେଚନ ବ୍ୟବସ୍ଥା ନ ଥିବା ବେଳେ ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ବର୍ଷା ଉପରେ ଭରସା କରୁଥିବା ବେଳେ ନଦୀ, ବିଭିନ୍ନ ଜୋର, ଆହାର ନାଳି ଉପରେ ନିର୍ଭର କରିଥାନ୍ତି। କିନ୍ତୁ ବିଭିନ୍ନ ଆହାର ନାଳି ଜୋରଗୁଡିକ ପୁନଃରୁଦ୍ଧାର ହେଉ ନ ଥିବାରୁ ଚାଷ କାର୍ଯ୍ୟରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଚଣ୍ଡିଆଗଡି ପଞ୍ଚାୟତରେ ଥିବା ଛ'ପୋଲିଆ ନିକଟରୁ ଅରେହିକଣା ପର୍ଯ୍ୟନ୍ତ ଯାଇଥିବା ପାଣି ଆହାର ନାଳି ଦୀର୍ଘଦିନ ହେବ ପୁନରୁଦ୍ଧାର ହୋଇ ନ ଥିବାରୁ ଚାଷ ଜମିକୁ ପାଣି ଯାଉ ନ ଥିଲା। ଫଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ଏହାକୁ ନେଇ ଅଞ୍ଚଳର ଚାଷୀମାନେ ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁଙ୍କ ନିକଟରେ ଅଭିଯୋଗ କରିଥିଲେ। ସରପଞ୍ଚ ସାହୁ ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ତାଙ୍କ ଚେଷ୍ଟାରେ ଡ୍ରେନେଜ ବିଭାଗ ପକ୍ଷରୁ ସୋମବାରଠାରୁ ପୁନରୁଦ୍ଧାର ଆରମ୍ଭ ହୋଇଛି। ଏହି ଆହାର ନାଳି ଉପରେ ଚଣ୍ଡିଆଗଡି, ଅରେହିକଣା, ସିଙ୍ଗିରି ଓ ନିଆଳ ଆଦି ପଞ୍ଚାୟତର ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ନିର୍ଭର କରିଥାନ୍ତି। ଆହାର ନାଳି ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବା ପରେ ଚାଷୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ଚାଷୀମାନେ ମନ୍ତ୍ରୀ ଦେବ, ଜିଲା ପରିଷଦ ସଦସ୍ୟା ସ୍ୱାଗତିକା ରାଉତ, ପୂର୍ବତନ ଜିଲା ପରିଷଦ ସଦସ୍ୟ ସୁମନ୍ତ ରାଉତ ଓ ସରପଞ୍ଚ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ମାର୍ଶାଘାଇ, ୮।୮(ଡି.ଏନ.ଏ.)

ମାର୍ଶାଘାଇ ଥାନା ଅନ୍ତର୍ଗତ ଜୁଣ ଗ୍ରାମର ଜଣେ ଯୁବକ ରବିବାର ବିଳମ୍ବିତ ରାତିରେ ନିଜ ଘର ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବିଜୟ ଜେନାଙ୍କ ଏକମାତ୍ର ପୁତ୍ର ଜ୍ୟୋତିକଲ୍ୟାଣ (୨୦)। ସେ ଚେନ୍ନାଇରେ ମେରାଇନ ଇଞ୍ଜିନିୟରିଂ ପାଠ ପଢୁଥିଲେ। ସୋମବାର ତାଙ୍କର ଚେନ୍ନାଇ ଯିବାର ଥିଲା। ମାତ୍ର ବିଳମ୍ବିତ ରାତିରେ ନିଜ ଶୋଇବା ଘର ଫ୍ୟାନ୍‌ରେ ଝୁଲି ପଡିଥିଲେ। ସକାଳୁ ଘରଲୋକେ ଜାଣିବା ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପୋଲିସ ଘଟଣାର ତଦନ୍ତ କରୁଛି।

# 'ସେବା, ତ୍ୟାଗ ସ୍ୱାଧୀନ ଭାରତର ୨ ଅମୂଲ୍ୟ ରତ୍ନ'

ରଘୁନାଥପୁର, ୮।୮(ଡି.ଏନ୍.ଏ.)



ଛାତ୍ରୀଛାତ୍ର ଓ ଅନ୍ୟମାନେ ତ୍ରିରଙ୍ଗା ଶୋଭାଯାତ୍ରାରେ ଯାଉଛନ୍ତି।

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ଜୁନିୟର ମହାବିଦ୍ୟାଳୟ ପକ୍ଷରୁ ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ପୂର୍ବସୁରୀଙ୍କ ପ୍ରଚେଷ୍ଟାରେ ଆମେ ସ୍ୱାଧୀନତା ପାଇଥିଲୁ। ସେମାନଙ୍କ ମାଟି ମା' ପ୍ରତି ଥିବା ନିଷ୍ଠାପର ସେବା ଥିଲା। ଏହି ସେବା ଓ ତ୍ୟାଗ ଭାରତର ଦୁଇ ଅମୂଲ୍ୟ ରତ୍ନ। ଏହାକୁ ପାଥେୟ କରି ବାଟ ଚାଲିବା ପାଇଁ ଅଧ୍ୟାପକ ସାହୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସଚେତନତା ରାଲି କରାଯାଇଥିଲା। ପରେ ଆୟୋଜିତ ସଭାରେ ଦେଶମାତୃକାଙ୍କ ଉଦ୍ଦେଶ୍ୟରେ ୭୫ ଦୀପ ପ୍ରଜ୍ୱଳନ କରି ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋଜ କୁମାର ବେହେରା ଓ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଦାସ ଯୋଗଦେଇ ଭାରତର ଗୌରବ ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଶାଶ୍ୱତ ମହାନ୍ତି, କୁମୁଦିନୀ ଦ୍ୱିବେଦୀ, ଅଜିତ କୁମାର ଭୂୟାଁ, କମଳଲୋଚନ ଆଚାର୍ଯ୍ୟ, ସୁମନ୍ତ ଦାସ, ରବୀନ୍ଦ୍ର କୁମାର ଓଝା, ତ୍ରିଲୋଚନ ମହାପାତ୍ର, ମିଟୁ ରାଉତ, ଶେଖ ଅସଲାମ ଅଲ୍ଲୀ, ପ୍ରତିଭରାଣୀ ପଣ୍ଡା, ବାସନ୍ତୀଲତା ସାହୁ, ପୁଷ୍ପଲତା ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଥିଲେ। ଅଧ୍ୟାପକ ଅଭୟ କୁମାର ମହାରଣା ଅତିଥି ପରିଚୟ ଓ ଜ୍ଞାନରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ନିଜ ଘରେ ଜାତୀୟ ପତାକା ଉଡାଇ ଭାରତମାତାଙ୍କୁ ସମ୍ମାନ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଥିଲା।

# ପାଚିକାଙ୍କୁ ବିରୋଧ କରି ଅଭିଭାବକ,ବିଦ୍ୟାର୍ଥୀଙ୍କ ଧାରଣା

## ସାଆଁସ ସରକାରୀ ପ୍ରାଥମିକ ବିଦ୍ୟାଳୟ

ତିର୍ତ୍ତୋଲ,୮।୮(ଡି.ଏନ୍.ଏ.)




ସାଆଁସ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣା ଦେଇଛନ୍ତି।

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ସାଆଁସ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ପାଚିକାଙ୍କୁ ବିରୋଧ କରି ଗ୍ରାମବାସୀଙ୍କ ସମେତ ବିଦ୍ୟାର୍ଥୀ ମାନେ ଧାରଣା ଦେଇ ପ୍ରତିବାଦ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଯେଉଁ ମହିଳା ବିଦ୍ୟାଳୟରେ ପାଚିକା ଭାବେ କାମ କରୁଥିଲେ ସେ କିଛି ଦିନ ପୂର୍ବେ କାମ କରିବାକୁ ମନା କରି ଦେଇଥିଲେ। ଏହାପରେ ଗ୍ରାମର ଅନ୍ୟ ଜଣେ ମହିଳାଙ୍କୁ ବିଦ୍ୟାଳୟରେ ପାଚିକା ଭାବେ କାମ କରିବାକୁ ପରିଚାଳନା କମିଟି ପକ୍ଷରୁ କୁହାଯାଇଥିଲା। ମାତ୍ର ପୂର୍ବରୁ ଯେଉଁ ମହିଳା ବିଦ୍ୟାଳୟରେ ପାଚିକା କାମ କରୁଥିଲେ ସେ ପୁନର୍ବାର ଏଠାରେ କାମ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହାକୁ ପରିଚାଳନା କମିଟି ଓ ଅଭିଭାବକମାନେ ବିରୋଧ କରି ବିଇଓଙ୍କୁ ଦରଖାସ୍ତ ଦେଇଥିଲେ। ଏଥିସହ ଅଭିଭାବକମାନେ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଉ ନ ଥିଲେ। ବିଇଓ ଅନନ୍ତ କିଶୋର ଭୂୟାଁ ବିଦ୍ୟାଳୟକୁ ଆସି ଏ ସମ୍ପର୍କରେ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରି ନ ଥିଲା। ତେଣୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଗ୍ରାମବାସୀଙ୍କ ସହ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କୌଣସି ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳକୁ ନ ଆସିବାରୁ ଅଭିଭାବକ ଓ ବିଦ୍ୟାର୍ଥୀମାନେ ଶେଷରେ ଧାରଣାରୁ ଉଠିଯାଇଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଅନନ୍ତ କିଶୋର ଭୂୟାଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୯ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ବିଦ୍ୟା କଲେଜ ଯୁକ୍ତ ୨ କଳା ଛାତ୍ରୀଛାତ୍ରଙ୍କ ବାଜିମାତ୍

**ପାଣିକୋଇଲି,୮।୮(ଡି.ଏନ.ଏ.):** ପାଣିକୋଇଲି ବିଦ୍ୟା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ଯୁକ୍ତ ୨ କଳା ଛାତ୍ରୀଛାତ୍ରମାନେ ବାଜିମାତ କରିଛନ୍ତି । ମୋଟ ୫୫ ଛାତ୍ରୀଛାତ୍ର ଚଳିତ ବର୍ଷ ଯୁକ୍ତ ୨ କଳା ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୪୦ଜଣ ପ୍ରଥମ ଶ୍ରେଣୀରେ ଓ ୧୫ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରୁ ୧୧ ଛାତ୍ରୀଛାତ୍ର ୫ ଶହରୁ ଊର୍ଦ୍ଧ୍ୱ ନମ୍ବର ରଖି କଲେଜର ଗୌରବ ବଢ଼ାଇଛନ୍ତି । ସେହିପରି ଚଳିତ ବର୍ଷର ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟରେ ମଧ୍ୟ ପାସହାର ଶତ ପ୍ରତିଶତ ଥିଲା ବୋଲି କଲେଜର ଚେୟାରମ୍ୟାନ ରଞ୍ଜିତ ନାୟକ ଏବଂ କଲେଜର ଅଧ୍ୟକ୍ଷା ସଙ୍ଗୀତା ପାତ୍ର କହିଛନ୍ତି ।

### ଡାକ୍ତରାଣୀଙ୍କ ବେକରୁ ଚେନ ଛିଡାଇ ୨ ଅଟକ

ମାର୍ଶାଘାଇ, ୮।୮ (ଡି.ଏନ.ଏ.) : ମାର୍ଶାଘାଇ ଥାନା ନିକଟସ୍ଥ କେନାଲ ବ୍ରିଜ ଛକରେ ସୋମବାର ଜଣେ ଡାକ୍ତରାଣୀଙ୍କ ବେକରୁ ଚେନ ଛିଡାଇଥିବା ୨ଜଣ ଦୁର୍ବୃତ୍ତଙ୍କୁ ପୋଲିସ ଅଟକ ରଖିଛି। ଡାକ୍ତରାଣୀଙ୍କ ବେକରୁ ଚେନ ଛିଡାଇ ନେଇ ପଳାଇ ଯାଉଥିବା ବେଳେ ୨ଜଣ ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଲୋକେ ଧରି ଉତ୍ତମ ମଧ୍ୟମ ଦେବାସହ ପୋଲିସର ଜିମା ଦେଇଛନ୍ତି। ଥାନା ଅନ୍ତର୍ଗତ ପାଇଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସାଗରିକା ମହାପାତ୍ର ମାର୍ଶାଘାଇ ଆସୁଥିବା ବେଳେ ତାଙ୍କ ପଛରେ ୨ଜଣ ଯୁବକ ଏକ ବାଇକ୍‌ରେ ପିଛା କରୁଥିଲେ। ସ୍ଥାନୀୟ କୁସୁନପୁର ଛକ ପାଖରେ ଥିବା ହମ୍ପସ ନିକଟରେ ସାଗରୀକାଙ୍କ ସ୍କୁଟି ଧୀର ହୋଇ ଯାଇଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ବେକରୁ ସୁନା ଚେନକୁ ଛିଣ୍ଡାଇ ନେଇ ପଳାଉ ଥିଲେ। ବାଟରେ ଯାଉଥିବା କେତେକ ଲୋକ ହୋ ହାଲ୍ଲା କରିବାରୁ ଆଗରେ କେନାଲ ବ୍ରିଜ ଛକରେ ଉପସ୍ଥିତ ଥିବା କେତେଜଣ ଲୋକ ୨ଜଣଙ୍କୁ ଅଟକାଇବାରୁ ସେମାନେ ଗାଡି ଛାଡି ଦୌଡ଼ିବା ବେଳେ ମାଡ଼ି ବସିଥିଲେ। ଖବରପାଇ ପୋଲିସ ସେମାନଙ୍କୁ ଥାନାକୁ ନେଇଥିଲା। ଅଟକ ଥିବା ଦୁର୍ବୃତ୍ତ ଦ୍ୱୟ ହେଲେ କୁଜଙ୍ଗ ଥାନା ବଳରାମପୁର ଗାଁର ମହମ୍ମଦ ଇସାକ(୨୭) ଓ ଶେଖ ଅହମ୍ମଦ (୨୦), ପାଟକୁରା ଥାନା ଅନ୍ତର୍ଗତ ଶାସନିପଡା ଗାଁର ସାଗରୀକାଙ୍କ ଅଭିଯୋଗ ପରେ ନଂ.୩୧୩/୨୨ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ।

# ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ ପରେ ବ୍ଲକ ପ୍ରଶାସନ ତତ୍ପର

## ସ୍କୁଲ ରୂପାନ୍ତିକରଣ କାମରେ ଦୁର୍ନୀତି

ବିଞ୍ଝାରପୁର,୮।୮(ଡି.ଏନ.ଏ.)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅଧୀନ କପିଳା ପଞ୍ଚାୟତରେ ଥିବା ସତ୍ୟଭାମା ଗଣେଶ ଚନ୍ଦ୍ର ହାଇସ୍କୁଲର ରୂପାନ୍ତିକରଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏସଂକ୍ରାନ୍ତରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି । ଏପରି ଅଭିଯୋଗ ପାଇବା ପରେ ଜିଲାପାଳ ରାଠୋର ସ୍କୁଲ ରୂପାନ୍ତିକରଣ କାର୍ଯ୍ୟର ତଦନ୍ତକରି ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ପିଡି ଡିଆରଡିଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଜାଣିପାରି ବ୍ଲକ ପ୍ରଶାସନ ତରବରିଆ ଭାବେ ନିମ୍ନମାନର କାର୍ଯ୍ୟକୁ ସଜାଡିବାକୁ ଚେଷ୍ଟା ଚଳାଇଥିବା ଗ୍ରାମବାସୀ କହିଛନ୍ତି ।

ଅଭିଯୋଗରୁ ଅନୁଯାୟୀ, ସତ୍ୟଭାମା



ଗଣେଶଚନ୍ଦ୍ର ହାଇସ୍କୁଲ ରୂପାନ୍ତିକରଣ କାର୍ଯ୍ୟ ଶେଷ ହୋଇଛି । ବ୍ଲକ ପ୍ରଶାସନ, ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ବିଦ୍ୟାଳୟର ସମସ୍ତ କାର୍ଯ୍ୟ ଅତି ନିମ୍ନ ମାନର ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଲାଗି ଶୌଚାଳୟ, ପାନୀୟ ଜଳ, ସାଇକେଲ୍ ଷ୍ଟାଣ୍ଡ ଓ ବିଦ୍ୟାଳୟରେ ବଗିଚା ନିର୍ମାଣ କରା ନ ଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ସେହିପରି ବିଦ୍ୟାଳୟରେ ଲାଗିଥିବା ପ୍ରୋଜେକ୍ଟର ପୁରୁଣା ଥିବାରୁ ଆରମ୍ଭରୁ ଅଚଳ, ରାସ୍ତା ନିର୍ମାଣ ହୋଇଥିବା ଇଟା ଭାଙ୍ଗି ଗଲାଣି, ବିଦ୍ୟାଳୟ ଗୃହରେ ଲାଗିଥିବା ଟାଇଲ୍ସ ଭାଙ୍ଗିଥିବା ଗ୍ରାମବାସୀ ଓ ଅଭିଭାବକ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ୭ ଦିନ ମଧ୍ୟରେ ତଦନ୍ତକରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲାପାଳ ରାଠୋର ପିଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ କଥା ଜାଣିବା ପରେ ବ୍ଲକ ପ୍ରଶାସନ ତତ୍ପର ହେବାସହ ତରବରିଆ ଭାବେ ଶୌଚାଳୟ ସମେତ ଅନ୍ୟାନ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଡିଓ ମିନତି ଜଗଦେବ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କୁ କହିଥିବା ଗ୍ରାମର ପରେଶ ଚନ୍ଦ୍ର ସାହୁ, ଗୁରୁ ଚରଣ ସାମଲ, ଚନ୍ଦ୍ରଶେଖର ସାମଲ, ରାଜକିଶୋର ସାମଲଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ଧର୍ମଶାଳା ବ୍ଲକରେ ୮୨.୦୩ ପ୍ରତିଶତ ପାସ

## ଯୁକ୍ତ ୨ କଳା ପରୀକ୍ଷା ଫଳ

ଧର୍ମଶାଳା,୮।୮(ଡି.ଏନ.ଏ.)

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୋମବାର +୨ କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ପ୍ରକାଶ ପାଇଛି । ଏହି ବ୍ଲକ୍‌ରେ ଥିବା ୫ କଲେଜରେ ୮୨.୦୩ ପ୍ରତିଶତ ଛାତ୍ରୀଛାତ୍ର ପାସ କରିଛନ୍ତି । ସମୁଦାୟ ୧୦୦୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୮୩୧ ଜଣ ପାସ କରିଛନ୍ତି । ପାସ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଜାରକାଠାରେ ଥିବା ରେନେସା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଶତପ୍ରତିଶତ ପରୀକ୍ଷାର୍ଥୀ ପାସ କରିଛନ୍ତି । ଉକ୍ତ କଲେଜରେ ୨୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୯ ଓ ତୃତୀୟ ଶ୍ରେଣୀରେ ୮ଜଣ ପାସ କରିଛନ୍ତି । ଏହି କଲେଜର ଛାତ୍ର ଜଗବନ୍ଧୁ ମିତ୍ର ସର୍ବାଧିକ ୫୨୭ମାର୍କ ରଖିଛନ୍ତି। ଧର୍ମଶାଳା +୨ କଲେଜରେ କଳାରେ ୨୫୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୨ଜଣ ପାସ କରିଛନ୍ତି । ପ୍ରଥମ ଶ୍ରେଣୀରେ ୧୦୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୬ ଜଣ ଓ ତୃତୀୟ ଶ୍ରେଣୀରେ ୫୦ ଜଣ ପାସ କରିଛନ୍ତି । ଏହି କଲେଜର ଛାତ୍ରୀ ଶ୍ରୁତି ସ୍ୱୟଂପ୍ରଭା ସାହୁ ସର୍ବାଧିକ ୫୨୭ମାର୍କ ରଖିଛନ୍ତି। ସେହିପରି ବଜ୍ରଗିରି +୨ କଲେଜର କଳାରେ ୨୯୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୮୫ଜଣ ପାସ କରିଛନ୍ତି । ପ୍ରଥମ ଶ୍ରେଣୀରେ ୯୨ଜଣ, ଦ୍ୱିତୀୟ ଶ୍ରେଣୀରେ ୯୫ ଓ ତୃତୀୟ ଶ୍ରେଣୀରେ ୯୮ ଜଣ ପାସ କରିଛନ୍ତି । ଚଢ଼ୋଇଧରାସ୍ଥିତ ଜଗନ୍ନାଥଜୀଉ +୨ କଳାରେ ୨୦୭ଜଣ ପ୍ରରୀକ୍ଷାର୍ଥୀ ପରୀକ୍ଷା ଦେଇ ଥିବା ବେଳେ ୧୭୪ଜଣ ପାସ କରିଛନ୍ତି । ପ୍ରଥମ ଶ୍ରେଣୀରେ ୧୪ଜଣ, ଦ୍ୱିତୀୟ ଶ୍ରେଣୀରେ ୪୪ଜଣ ଓ ତୃତୀୟ ଶ୍ରେଣୀରେ ୧୦୬ଜଣ ପାସ କରିଛନ୍ତି । ମୁକୁନ୍ଦପାତ୍ର+୨ କଲେଜରେ କଳାରେ ୨୨୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୧ଜଣ ପାସ କରିଛନ୍ତି । ଏଠାରେ ପ୍ରଥମ ଶ୍ରେଣୀରେ ୪୩ଜଣ, ଦ୍ୱିତୀୟ ଶ୍ରେଣୀରେ ୪୨ ଜଣ ଓ ତୃତୀୟ ଶ୍ରେଣୀରେ ୬୬ଜଣ ପାସ କରିଥିବା ସମ୍ପୃକ୍ତ କଲେଜର ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି ।

# ଇନର ହୁଇଲ କ୍ଲବ୍ ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ



ବନ୍ଧୁତ୍ୱ ଦିବସ ଉତ୍ସବରେ ଯୋଗ ଦେଇଥିବା ଇନ୍‌ର ହୁଇଲ୍ କ୍ଲବ୍‌ର ସଦସ୍ୟମାନେ।

ଧର୍ମଶାଳା,୮।୮(ଡି.ଏନ୍.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ଇନରହୁଇଲ କ୍ଲବ ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ ହୋଇଯାଇଛି । କ୍ଲବର ପୂର୍ବତନ ସଭାନେତ୍ରୀ ମିନତି ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂତନ ସଭାପତି ଶୁଭଲକ୍ଷ୍ମୀ କର ଅଧ୍ୟକ୍ଷତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସିଡିଏମ୍‌ଓ ଡା. ବିଜୟ କୁମାର ଶତପଥୀ , ରୋଟାରୀ କ୍ଲବର ସଭାପତି ପ୍ରମୋଦ କୁମାର ସାମଲ ଓ ସମ୍ପାଦକ ସୁକାନ୍ତ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ବନ୍ଧୁତ୍ୱର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବର ପୂର୍ବତନ ସଭାପତି କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ,ବିନୋଦ ପରିଡା, କଳାକର ମହାନ୍ତି, ଅଜାମ୍ବର ସାହୁ, ପ୍ରଦୀପ୍ତ କୁମାର ବରାଳ, ଜୟନ୍ତ କୁମାର ସାହୁ, ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ହରିହର ପଣ୍ଡା, ଧରଣୀଧର ଦାଶ, ଜୟପ୍ରକାଶ ତ୍ରିପାଠୀ ପ୍ରମୁଖ ଯୋଗଦେଇ କୃଷ୍ଣ ସୁଦାମାଙ୍କ ବନ୍ଧୁତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଜାରକା ଇନରହୁଇଲ କ୍ଲବ ପକ୍ଷରୁ ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ, ରଶ୍ମୀତା ନାୟକ, ପ୍ରଭାତି ବିଶ୍ୱାଳ, ଇନ୍ଦୁପ୍ରଭା ସାମଲ, ସକୁନ୍ତଳା ମହାନ୍ତି, ଅର୍ଚ୍ଚନା ସ୍ୱାଇଁ, ପ୍ରତିଭା ସାହୁ, ଲୋପାମୁଦ୍ରା ଷଣ୍ଢ, କଳ୍ପନା ପରିଡା, ପ୍ରଭାତନଳିନୀ ସାହୁ, କଳ୍ପନା ନାୟକ, ଅରୁଣାରଶ୍ମୀ ସାମଲ, କଳ୍ପନା ଖୁଣ୍ଟିଆ, ସରୋଜିନୀ ପଣ୍ଡା, ନିରୁପମା ସ୍ୱାଇଁ ଓ କାଦମ୍ବିନୀ ମିଶ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ କ୍ଲବର ସମ୍ପାଦିକା ବିଶ୍ୱମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲୋପାମୁଦ୍ରା ଏନ୍.ସି. କଲେଜ ଟପ୍ପର

ଯାଜପୁର ସଦର,୮।୮(ଡି.ଏନ.ଏ.)

ଯାଜପୁର ଏନ୍.ସି. କଲେଜରେ ମୋଟ ୨୪୭ ଜଣ ଛାତ୍ରୀଛାତ୍ର ଯୁକ୍ତ ୨ କଳା ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୫୨ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୪୦ ଜଣ ଓ ତୃତୀୟ ଶ୍ରେଣୀରେ ୩୫ ଜଣ ପାସ୍ କରିଛନ୍ତି । ୩୫ ଜଣ ଛାତ୍ରୀଛାତ୍ର ୫ଶହରୁ ଊର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ସର୍ବାଧିକ ୫୫୨ (୯୨ %) ନମ୍ବର ରଖି ଲୋପାମୁଦ୍ରା ସାହୁ ଏହି କଲେଜରେ ଟପ୍ପର ହୋଇଛନ୍ତି । ଲୋପାମୁଦ୍ରାଙ୍କ ଘର ଯାଜପୁର ବ୍ଲକ ଅଧୀନ ବୈଦ୍ୟରାଜପୁର ଗ୍ରାମରେ । ନାରାୟଣ ସାହୁ, ମା' ସ୍ୱର୍ଣ୍ଣଲତାଙ୍କ କନିଷ୍ଠା କନ୍ୟା ଲୋପାମୁଦ୍ରା ଏହି ସଫଳତାର ଶ୍ରେୟ ଅଧ୍ୟାପିକା, ଅଧ୍ୟାପକ, ମା'ବାପା ଓ ବଡ଼ ଭଉଣୀଙ୍କୁ ଦେଇଛନ୍ତି । ସେ ଜଣେ ପ୍ରଶାସନିକ ଅଧିକାରୀ ହେବେ ବୋଲି ଲକ୍ଷ୍ୟ ରଖିଥିବା କହିଛନ୍ତି ।

# ଭିଏନ୍ କଲେଜରେ ୮୮.୭୯% ପାସ୍

ଯାଜପୁର ରୋଡ,୮।୮(ଡି.ଏନ.ଏ.)

## ଅର୍ଚ୍ଚନା ଶର୍ମା ୫୪୧ ମାର୍କ ରଖି ଟପ୍ପର



ଅର୍ଚ୍ଚନା ଶର୍ମା

ଯାଜପୁର ରୋଡ ବ୍ୟାସନଗର କଲେଜର ଯୁକ୍ତ୨ କଳା ପରୀକ୍ଷାରେ ୮୮.୭୯% ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୪୧ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୧୪ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୦ ଜଣ ଫେଲ ଏବଂ ଅନ୍ୟ ୪ ଜଣ ଅନୁପସ୍ଥିତ ଏବଂ ୩ ଜଣ ମାଲପ୍ରାକ୍ଟିସ ହୋଇଛନ୍ତି। ୧୨୦ ଜଣ ପ୍ରଥମ, ୫୧ ଜଣ ଦ୍ୱିତୀୟ ଏବଂ ୪୩ ଜଣ ତୃତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି। ଅର୍ଚ୍ଚନା ଶର୍ମା ୫୪୧ ମାର୍କ ରଖି ପ୍ରଥମ, ଗାୟତ୍ରୀ ପ୍ରିୟଦର୍ଶନୀ ପଥାଳ ଓ ଅର୍ପିତା ନାଥ ୫୨୪ ମାର୍କ ପାଇଁ ଯୁଗ୍ମ ଦ୍ୱିତୀୟ ଏବଂ ଝରଣା ଦାଶ ୫୨୦ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହାବାଦ ସୋନାଲି ରାଉତ, ଜ୍ୟୋତି ରାଉତ, ବିଦ୍ଧି ବରାଳ, ଆଦର୍ଶ ମଗର, ଅର୍ଘ୍ୟରୂପା କର, ପୂର୍ଣ୍ଣଚନ୍ଦ୍ର ଦାଶ, ଦୀପ୍ତିଶିଖା ମିଶ୍ର, ବିଶ୍ୱଜିତ ପାତ୍ର, ସ୍ମୃତିଲିପ୍ସା ପୃଷ୍ଟି, ମୋନାଲିସା ସାହୁ, ଲିପ୍ସା ମିଶ୍ର, ରାଜଶ୍ରୀ ଦାସ, ମାମୁନି ଜେନା, ମୁସ୍କାନ ମଟାନିଆ, କାଜଲ ବାରିକ ୫୦୦ରୁ ଊର୍ଦ୍ଧ୍ୱ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି।

# କୃଷକ ଓଡ଼ିଶା ପୋର୍ଟାଲରେ ଚାଷୀ ପଞ୍ଜୀକରଣ ଅବଧି ବଢ଼ିଲା

ରସୁଲପୁର,୮।୮(ଡି.ଏନ.ଏ.)

- ମାଗଣାରେ ହେବ ପଞ୍ଜୀକରଣ,
- ପଞ୍ଜୀକରଣ ବାବଦ ଅର୍ଥ ଫେରାଇବାକୁ ଦାବି

କୃଷକ ଓଡ଼ିଶା ପୋର୍ଟାଲରେ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଉଛି । ଚାଷୀ ପଞ୍ଜୀକରଣ ଏକ ପ୍ରକାର ବାଧ୍ୟତାମୂଳକ ହୋଇଛି । ପଞ୍ଜୀକରଣ ନ କଲେ ଚାଷୀ ସରକାରୀ ସହାୟତାରୁ ବଞ୍ଚିତ ହେବେ । ବିଶେଷ କରି ଅଣ ପଞ୍ଜୀକୃତ ଚାଷୀମାନଙ୍କୁ କାଳିଆ ଓ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ସହାୟତାରୁ ବଞ୍ଚିତ ହେବାକୁ ପଡିବ ବୋଲି କୁହାଯାଉଛି । ଏହି ସୂଚନା ପାଇବା ପରେ ଚାଷୀମାନଙ୍କ ମଧ୍ୟରେ ପଞ୍ଜୀକରଣ ପାଇଁ ଆଗ୍ରହ ସୃଷ୍ଟି ହୋଇଛି । ଏଥି ସକାଶେ ପ୍ରଥମେ ଚାଷୀ ପଞ୍ଜୀକରଣ ଅବଧିକୁ ୧ ଜୁଲାଇରୁ ୩୧ ଜୁଲାଇରେ ଶେଷ ବୋଲି ସ୍ଥିର କରାଯାଇଥିଲା । ଏହି ଅବଧିକୁ କୃଷି ବିଭାଗ ପକ୍ଷରୁ ଚଳିତ ବର୍ଷ ଅକ୍ଟୋବର ୩୧କୁ ବଢାଇ ଦିଆଯାଇଛି । ପଞ୍ଜୀକରଣ ସମୟରେ ଚାଷୀମାନଙ୍କୁ ଫି ବାବଦକୁ ୬୦ଶତକଡା ଦେୟ ପୈଠ କରିବାକୁ ପଡୁଥିଲା । ଏହାକୁ ଏବେ ସରକାର ଛାଡ଼ କରିଛନ୍ତି । ଏବେଠାରୁ ଚାଷୀମାନେ ମାଗଣାରେ ପଞ୍ଜୀକଣର କରିପାରିବେ । ମାତ୍ର ପୂର୍ବରୁ ଚାଷୀମାନେ ପଞ୍ଜୀକରଣ ବାବଦକୁ ଦେଇଥିବା ଅର୍ଥକୁ ସରକାର ଚାଷୀମାନଙ୍କୁ ଫେରାଇ ଦିଅନ୍ତୁ ବୋଲି ନବନିର୍ମାଣ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି । ଏ ନେଇ ସଙ୍ଗଠନ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ବ୍ଲକ ସଙ୍ଗଠନ କହିଛି । ଏ ନେଇ ସରକାରୀସ୍ତରରେ କୌଣସି ନିଷ୍ପତ୍ତି ହୋଇ ନ ଥିବା କୁହାଯାଇଛି । ମାତ୍ର ମାଗଣାରେ ପଞ୍ଜୀକରଣ କରିବା ପାଇଁ ସବୁ ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର, ପଞ୍ଜୀକରଣ ସଂସ୍ଥା ଦାୟିତ୍ୱରେ ଥିବା ସମସ୍ତ ଜିଲାସ୍ତରୀୟ ଅଧିକାରୀ, ପଞ୍ଚାୟତର ଜନପ୍ରତିନିଧିମାନଙ୍କୁ ଅବଗତ କରାଯାଇଛି । ଏଥିସହ ପଞ୍ଜୀକରଣ ମାଧ୍ୟମର ସୁବିଧାକୁ କେବଳ ଜନସେବା ଅଥବା ମୋ ସେବା କେନ୍ଦ୍ରଗୁଡିକ ସମୀତ ରଖା ନ ଯାଇ ସବୁ ସ୍ଥାନରେ କରାଯିବାର ବ୍ୟବସ୍ଥା କରାଯିବା ନେଇ ପ୍ରସ୍ତାବ ରଖାଯାଇଛି ବୋଲି ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ସୂଚନା ଦେଇଛନ୍ତି । ଏଭଳି ସ୍ଥିତିରେ ପ୍ରତ୍ୟେକ ଚାଷୀ ଘରେ ବସି ମୋବାଇଲରେ ନାମ ପଞ୍ଜୀକରଣ କରିବା ଭଳି ସୁଯୋଗ ସୃଷ୍ଟି କରାଯାଉ ବୋଲି ଚାଷୀମାନେ ଦାବି କରୁଛନ୍ତି । ଏହାଛଡା ଅନ୍‌ଲାଇନକୁ ସମସ୍ତଙ୍କ ପାଇଁ ମୁକ୍ତ କରିଦିଆଯାଉ । ଫଳରେ ଜଣେ ଚାଷୀ ଯେଉଁ ସମୟରେ ଚାହିଁବ ତା ଘର ନିକଟରେ ଚାଷ କାର୍ଯ୍ୟ ପରେ ପଞ୍ଜୀକରଣ କରିପାରିବ ବୋଲି କୃଷକ ସଙ୍ଗଠନଗୁଡିକ ପକ୍ଷରୁ ଦାବି କରାଯାଇଛି।

# ପରୀକ୍ଷା ଫଳରେ ଅଭିଯୋଗ ନାହିଁ



**ଯାଜପୁରରୋଡ୍, ୮।୮ (ଡି.ଏନ.ଏ.):** କଠିନ ପରିଶ୍ରମ ସଫଳତାର ଚାବିକାଠି। ନିଜ ପରିଶ୍ରମ ବଳରେ ୮୧% ମାର୍କ ପାଇଛି। ଜେଜେ, ମା'ବାପାଙ୍କ ଆଶୀର୍ବାଦ, ଦିଗ୍‌ଦର୍ଶନ ଏବଂ ଅଧାପିକା ଅଧାପକଙ୍କ ମାର୍ଗଦର୍ଶନ ଯୋଗୁ ସଫଳତା ମିଳିଛି। ଚଳିତ ବର୍ଷ ପରୀକ୍ଷା ଫଳ ଉପଯୁକ୍ତ ଭାବେ ପ୍ରକାଶିତ ହୋଇଛି। ଏଥିରେ କୌଣସି ଅଭିଯୋଗ ନାହିଁ।

**-ଚିନ୍ମୟୀ ବିଶ୍ୱାଳ, ଭି.ଏନ୍. କଲେଜ, ଯାଜପୁର ରୋଡ**

# ଇନ୍ଦିରା ଗାନ୍ଧୀ ମହିଳା କଲେଜ ପାସ୍ ହାର ୯୩.୬୯%

## ସଂଘମିତ୍ରା ସାହୁ ୫୫୪ ମାର୍କ ରଖି କଲେଜ ଟପ୍ପର

ଯାଜପୁର ରୋଡ, ୮।୮(ଡି.ଏନ.ଏ.)





ସଂଘମିତ୍ରା ସାହୁ ଏବଂ ତୃପ୍ତିମୟୀ ସାହୁ

ଯାଜପୁର ରୋଡ୍ ଇନ୍ଦିରା ଗାନ୍ଧୀ ମହିଳା କଲେଜର ଯୁକ୍ତ୨ କଳା ପରୀକ୍ଷାରେ ୯୩.୬୯% ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ୧୨୫ ଜଣ ପ୍ରଥମ, ୫୨ ଜଣ ଦ୍ୱିତୀୟ ଏବଂ ୪୭ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି। ୨ ଜଣ ଅନୁପସ୍ଥିତ ଥିଲାବେଳେ ୧୨ ଜଣ ଫେଲ ହୋଇଛନ୍ତି। କଲେଜର ସଂଘମିତ୍ରା ସାହୁ ୫୫୪ ମାର୍କ ରଖି ପ୍ରଥମ, ତୃପ୍ତିମୟୀ ସାହୁ ୫୧୭ ମାର୍କ ରଖି ଦ୍ୱିତୀୟ ଏବଂ ବୈଶାଖୀ ପ୍ରଧାନ ୫୦୧ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

# ପ୍ରହସନ ପାଲଟିଲା ପଲ୍ଲୀରେ ପ୍ରଶାସନ

ଆଳି,୮।୮(ଡି.ଏନ.ଏ.)

ସାଧାରଣ ଲୋକମାନଙ୍କ ନିକଟରେ ପ୍ରଶାସନ ପହଞ୍ଚି ସେମାନଙ୍କ ଅଭିଯୋଗ ଗ୍ରହଣ କରିବା ସହ ସମାଧାନ କରିବା ନିମନ୍ତେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ପଲ୍ଲୀରେ ପ୍ରଶାସନ। ସୋମବାର ଆଳି ବ୍ଲକର ଅରଗଳ ପଞ୍ଚାୟତରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇଛି। ପଞ୍ଚାୟତର ୧୮୬ ଜଣ ଅଭିଯୋଗକାରୀ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିବା ବିଡିଓ ଦ୍ୱିବେନ୍ଦୁ ଦାସ ସୂଚନା ଦେଇଛନ୍ତି। କିନ୍ତୁ ପଞ୍ଚାୟତ ପକ୍ଷରୁ ଆୟୋଜିତ ଶିବିରରେ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଯୋଗୁ ଶତାଧିକ ଅଭିଯୋଗକାରୀ ଶିବିରକୁ ଆସି ଅଭିଯୋଗ କରି ନ ପାରି ଫେରିଥିବା ଦେଖିବାକୁ ମିଳିଛି। ଠିକ୍ ଭାବେ ଆବେଦନପତ୍ର ପାଇ ନ ଥିବାବେଳେ ଅଭିଯୋଗ ଦେବା ନିମନ୍ତେ ଅନେକ



ଅଭିଯୋଗ କରିବାକୁ ଆସିଥିବା ଲୋକମାନେ।

## ଅରଗଳ ପଞ୍ଚାୟତ

ସମୟ ଧରି ଧାଡ଼ିବାନ୍ଧି ଅପେକ୍ଷା କରିବାକୁ ପଡିଥିଲା। ଏପରି କି ବରିଷ୍ଠ ନାଗରିକମାନଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାବେଳେ ପାନୀୟ ଜଳର ମଧ୍ୟ ବ୍ୟବସ୍ଥା ନ ଥିଲା। ଏହାକୁ ନେଇ ଅଭିଯୋଗକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅପରପକ୍ଷରେ ବିଡିଓଙ୍କ ବ୍ୟତୀତ ଅନ୍ୟ ସମସ୍ତ ପଦାଧିକାରୀ ପୂର୍ବାହ୍ନ ୧୦ଟାରେ ପହଞ୍ଚି ଅଭିଯୋଗ ଶୁଣିବା ପରିବର୍ତ୍ତେ ମଧ୍ୟାହ୍ନ ୧୨ ଟାରେ ପହଞ୍ଚି ଥିବା ଦେଖିବାକୁ ମିଳିଥିଲା। ଜିଲାପାଳଙ୍କ ଏହି ଚେଷ୍ଟା ବାସ୍ତବରେ କେତେ ଫଳପ୍ରଦ ହେବ ତାହା ସମୟ କହିବ।

# ସାର ବୋଝେଇ ଟ୍ରକ ଜବତ, ଚାଳକ ଅଟକ

ରସୁଲପୁର,୮।୮(ଡି.ଏନ.ଏ.)

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ଗଳିପୋଲ ନିକଟରୁ ସୋମବାର ଅପରାହ୍ନରେ ଏକ ସାର ବୋଝେଇ ଟ୍ରକକୁ ଧର୍ମଶାଳା ପୋଲିସ ଜବତ କରିଛି । ଉକ୍ତ ଟ୍ରକରେ ପଟାସ ସାର ବୋଝେଇ ହୋଇଛି ବୋଲି ସ୍ଥାନୀୟ ଅଞ୍ଚଳର ସାର ବ୍ୟବସାୟୀଙ୍କଠାରୁ ସୂଚନା ମିଳିଛି । ସେହି ସାରର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଟ୍ରକରେ ଥିବା ବସ୍ତାରେ ନକଲି ସାର ରହିଥିବା ସନ୍ଦେହ କରାଯାଉଛି । ଉକ୍ତ ସାରର ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଇବାକୁ ଦାବି ହୋଇଛି । ପୋଲିସ ସାର ବୋଝେଇ ଟ୍ରକକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ଗାଡ଼ିର କାଗଜପତ୍ର ଓ ସାର ପରିବହନ ହେଉଥିବା ନେଇ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏ ସମ୍ପର୍କରେ କୃଷି ବିଭାଗ ଓ ଫର୍ଟିଲାଇଜର ନିରୀକ୍ଷକଙ୍କୁ ତଦନ୍ତ ପାଇଁ ଦାୟିତ୍ୱ ଦିଆଯିବ ବୋଲି ଥାନା ଅଧିକାରୀ

## ନକଲି ସାର କାରବାର ସନ୍ଦେହ



ରାକେଶ କୁମାର ତ୍ରିପାଠୀ କହିଛନ୍ତି ।

ସୂଚନା ଅନୁଯାୟୀ, ରାଜସ୍ଥାନ ଆଗ୍ରୋ ଇଣ୍ଡଷ୍ଟ୍ରି ପକ୍ଷରୁ ଏକ ୨୦ ଚକିଆ ଟ୍ରକ (ନଂ–ଆରଆଇ–୦୭–ଜିଇ–୫୪୨୭)ରେ ସାର ବୋଝେଇ ହୋଇ ଯାଜପୁରକୁ ଆସିଛି। ଉକ୍ତ ସାର ବୋଝେଇ ଟ୍ରକଟି ଯାଜପୁର ଜିଲାର ପାଟପୁର ଅଞ୍ଚଳକୁ ଯିବା ପାଇଁ କାଗଜପତ୍ରରେ ଦର୍ଶାଯାଇଛି । ତେବେ କେଉଁ ପରିସ୍ଥିତିରେ ଏହି ଟ୍ରକ ବାରବାଟୀ ଅଞ୍ଚଳକୁ ଆସିଲା ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରୁଛି । ଯାଜପୁର ଜିଲା ରସୁଲପୁର ବ୍ଲକର ଓଡିଶୋ ଓ ବାରବାଟୀ ଅଞ୍ଚଳର ୨ ସାର ବ୍ୟବସାୟୀଙ୍କ ସହ ସାର ପରିବହନକାରୀ ସଂସ୍ଥା ଯୋଗାଯୋଗରେ ଥିଲେ । ସେମାନେ ଏହି ସାରକୁ କୁଆଡେ ଅର୍ଡର ଦେଇଥିଲେ । ମାତ୍ର ସାର ଦରକୁ ନେଇ ବ୍ୟବସାୟୀ ଓ ସାର ପରିବହନ ସଂସ୍ଥାର ଲୋକଙ୍କ ମଧ୍ୟରେ ମୂଲଚାଲ ହୋଇ ନ ପାରିବାରୁ ଉକ୍ତ ଟ୍ରକ ଫେରିଯିବାକୁ ବାହାରି ଥିଲା । ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକେ ଏ ଦିଗରେ ସୁରାକ ପାଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣା ସ୍ଥଳରୁ ସାର ବୋଝେଇ ଟ୍ରକକୁ ଜବତ କରି ଥାନାକୁ ଆଣିଛି ।

ଏ ସଂକ୍ରାନ୍ତରେ ସହକାରୀ କୃଷି ନିର୍ଦ୍ଦେଶକ ଉଦିପ୍ତ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ସାର ବୋଝେଇ ଟ୍ରକ ଜବତ ସମ୍ପର୍କରେ ସେ ଅବଗତ ନ ଥିବା କହିଛନ୍ତି । ନିୟମ ଅନୁଯାୟୀ, ସାର ପରିବହନ ସରକାରଙ୍କ ଦ୍ୱାରା ନିୟନ୍ତ୍ରଣ କରାଯାଉଛି । ଏହି ସାର ଅନ୍‌ଲାଇନ ପଞ୍ଜିକରଣ ହୋଇ ନ ଥିବ । ସାର ଆସିବା ପରେ ତାର ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରସ୍ଥିତ ପରୀକ୍ଷାଗାରକୁ ପଠାଯିବ । ତା'ପରେ ଚାଷୀମାନଙ୍କୁ ଡିଲରମାନଙ୍କ ଜରିଆରେ ସାର ପ୍ରଦାନ କରାଯିବ । ମାତ୍ର ପଟାସ ସାରର ଅଭାବ ପାଇଁ ବ୍ୟବସାୟୀମାନେ ଚୋରାରେ ଏହି ସାର ମଗାଇ ଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି । ଏ ଦିଗରେ ସେ ତଦନ୍ତ କରିବେ ବୋଲି ସୂଚନା ଦେଇଛନ୍ତି ।

**ସବ୍ୟସାଚୀ ତ୍ରିପାଠୀ ମଦନପୁର କଲେଜର ନୂତନ ଅଧ୍ୟକ୍ଷ**

ପଞ୍ଚାମୁଣ୍ଡାଇ, (ସ୍ୱ.ପ୍ର.): ପଞ୍ଚାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ୟୁ. କେ. ମହାବୀର କଲେଜର ଅଧ୍ୟକ୍ଷ ଭାବେ ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ସବ୍ୟସାଚୀ ତ୍ରିପାଠୀ ସୋମବାର ବିଦାୟୀ ଅଧ୍ୟକ୍ଷ ସୁଶାନ୍ତ କୁମାର କୁଣ୍ଡଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ଶିକ୍ଷାବିତ୍ ସର୍ବେଶ୍ୱର ମହାନ୍ତି, କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ନୂତନ ଅଧ୍ୟକ୍ଷ ତ୍ରିପାଠୀ କଲେଜକୁ ସବୁକ୍ଷେତ୍ରରେ ବିକଶିତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ବିହନ, ବର୍ଷା ପରେ ସାର ଚିନ୍ତାରେ ଚାଷୀ

କେନ୍ଦ୍ରାପଡ଼ା ଅଫିସ, ୮।୮

- ସରକାରୀ ଦାମ୍‌ରୁ ୨ଗୁଣରେ ବିକ୍ରି ହେଉଛି ୟୁରିଆ
- ଆବଶ୍ୟକ ୬,୫୦୦, ଜିଲାକୁ ଆସିଛି ୩,୯୩୦ ଟନ
- ୧୨୧ ମଧ୍ୟରୁ ସାର ନେଇଛନ୍ତି ୫୭ ସମିତି


ବର୍ଷା ହେବା ପରେ ଜମିରେ ପାଣି ହେବାରୁ ଡେରାବିଶ ଅଞ୍ଚଳରେ ଚାଷୀମାନେ ଧାନ ତଳି ରୋଉଛନ୍ତି।

୨୦୨୧ ଅର୍ଥନୈତିକ ସର୍ଭେରେ ରାଜ୍ୟର ୨୯ତମ ଖରିଫ ଧାନ ଉତ୍ପାଦନକାରୀ ଭାବେ କେନ୍ଦ୍ରାପଡ଼ା ଜିଲା ଅଛି। ଜଳ ପରିଚାଳନା ଏହାର ମୁଖ୍ୟ କାରଣ ହୋଇଥିବା ବେଳେ ଚଳିତ ଖରିଫ ଋତୁରେ ପ୍ରଥମେ ବିହନ ଓ ବର୍ଷା ସମସ୍ୟା ହୋଇଥିଲା। ଏବେ ଲଘୁଚାପଜନିତ ବର୍ଷା ଆରମ୍ଭ ହେବାରୁ ଚାଷ ପାଇଁ ଚାଷୀ ଆଗଭର ହୋଇଛନ୍ତି। ଏହି ସମୟରେ ସାର ଯୋଗାଣ ଚିନ୍ତାର କାରଣ ହୋଇଛି। ୟୁରିଆ, ଡିଏପି ଆଦି ରାସାୟନିକ ସାର ସରକାରୀ ଦାମ୍‌ଠାରୁ ଦୁଇଗୁଣାରେ ବିକ୍ରି ହେଉଛି। ଖରିଫ ଧାନ ଚାଷ ପାଇଁ ଚଳିତ ବର୍ଷ ୬,୫୦୦ ଟନ ୟୁରିଆ ଓ ପ୍ରାୟ ୫ ହଜାର ଟନ ଅନ୍ୟ ସାରର ଆବଶ୍ୟକତା ଅଛି। ତେବେ ଅଦ୍ୟାବଧି ୩,୯୩୦ ଟନ ସାର ଜିଲାକୁ ଆସିଛି। ସେହିପରି ୧୨୧ କୃଷି ସମବାୟ ସମିତି ମଧ୍ୟରୁ ୧୧୧ଟିକୁ ସାର ବିକ୍ରି ପାଇଁ ଅନୁମତି ଥିଲେ ମଧ୍ୟ ମାତ୍ର ୫୭ଟି ସମିତି ଗୋଦାମରୁ ସାର ଉଠାଇଛନ୍ତି।

ଏ ସମ୍ପର୍କରେ ଗ୍ରାମୀଣ ଚାଷୀ ମୂଲିଆ ସଂଘ ସଭାପତି ଫକୀର ଚରଣ ଖଟୁଆ, କୃଷକ ନେତା ବିଜୟ ପରିଡ଼ା, ଗୟାଧର ଧଳ, ଚାଷୀ ନିରଞ୍ଜନ ପରିଡ଼ା, ବଗଡ଼ା ସମବାୟ ସମିତି ସଭାପତି ଅକ୍ଷୟ କୁମାର ପାଣି ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ସମୁଦାୟ ୧,୪୨,୧୬୫ ହେକ୍ଟର ମଧ୍ୟରୁ ଚଳିତ ଋତୁରେ ୧,୧୭,୫୫୪ ହେକ୍ଟର ଜମିରେ ଖରିଫ ଧାନ ଚାଷ ହେଉଛି। ଏବେ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ୯୦୦ଟନ ୟୁରିଆ ଆବଶ୍ୟକ ଅଛି। ସେହିପରି ଡେରାବିଶରେ ୫୮୫ଟନ, ମାର୍ଶାଘାଇରେ ୩୧୮ଟନ, ମହାକାଳପଡ଼ାରେ ୧୨୭୦ଟନ, ଗରଦପୁରରେ ୪୨୦ଟନ, ପଟ୍ଟାମୁଣ୍ଡାଇରେ ୫୪୫ଟନ, ଆଳିରେ ୩୧୧ଟନ, ରାଜକନିକାରେ ୧୦୩୦ଟନ ଓ ରାଜନଗରରେ ୧୧୨୧ଟନ ୟୁରିଆ ଦରକାର। ହେଲେ ଜିଲାକୁ ମାତ୍ର ୩,୯୩୦ଟନ ୟୁରିଆ ଆସିଥିବା ବେଳେ ଡିଏପି, ପଟାସ, ଆମୋନିଆ, ଫସ୍‌ଫେଟ ଆଦି ସାର ପର୍ଯ୍ୟାପ୍ତ ପରିମାଣରେ ଆସିନାହିଁ। ଫଳରେ ୟୁରିଆ ୫୦ କେଜି ବସ୍ତା ପ୍ରତି ସରକାରୀ ଦାମ ୨୬୬ ଟଙ୍କା ଥିବା ବେଳେ ବଜାରରେ ଏହାର ଦାମ ୫୦୦ ଟଙ୍କାରୁ ଊର୍ଦ୍ଧ୍ୱ ରହିଛି। ଏପରିକି କେତେଜଣ ବ୍ୟବସାୟୀ ଡିଏପି ନ ନେଲେ ୟୁରିଆ ସାର ଦେଉନାହାନ୍ତି। ଜିଲାରେ ୧୧୧ଟି କୃଷି ସମବାୟ ସମିତି ଓ ୩୧୧ଟି ଖୁଚୁରା ସାର ବିକ୍ରୟ କେନ୍ଦ୍ର ରହିଛି। ତେବେ ସାର ବ୍ୟବସାୟୀ କୃଷି ଅଧିକାରୀଙ୍କୁ ଧରି ନିଜେ ମହଜୁଦ ରଖି ବଜାରରେ ସାରର କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ସାରର ଏହି ଅଭାବୀ ବିକ୍ରି ଏବେ ଚାଷୀଙ୍କୁ କାଳ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ତର୍ଜମା କରିବା, ସାର ଦର ବଢ଼ାଉଥିବା ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରି ଆଖିଦୃଶିଆ ପଦକ୍ଷେପ ନ ଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ ଜଣେ ସାର ବ୍ୟବସାୟୀ ନାମ ଗୋପନ ରଖି କହିଛନ୍ତି, ଜିଲାର ଚାଷୀମାନେ ନାଗାର୍ଜୁନ ଫର୍ଟିଲାଇଜର ଉତ୍ପାଦିତ ୟୁରିଆ ସାରକୁ ପସନ୍ଦ କରିଥାନ୍ତି। ଏଥିପାଇଁ ଏହି କମ୍ପାନୀ ଅନୁବନ୍ଧିତ ବହୁ ବ୍ୟବସାୟୀ ଅଛନ୍ତି। ତେବେ ଚଳିତବର୍ଷ ଏହି କମ୍ପାନୀ ସାର ଉତ୍ପାଦନ କରୁ ନ ଥିବାରୁ କଟକର ସାର ଡିଲରଙ୍କଠାରୁ ଅନ୍ୟ କମ୍ପାନୀର ୟୁରିଆ ସାର କିଣିବାକୁ ବାଧ୍ୟ ହେଉଛନ୍ତି। କଟକର ଏହି ସାର କମ୍ପାନୀ ୟୁରିଆ ଦରକୁ ୨୬୬ ଟଙ୍କା ବଦଳରେ ୩୫୦ ଟଙ୍କା ବସ୍ତା ପ୍ରତି ବିକୁଛନ୍ତି। ପରିବହନ, ଲୋଡିଂ, ଅନ୍‌ଲୋଡିଂ, ବର୍ଷାରେ ନଷ୍ଟ ହେବା ଆଦିକୁ ମିଶାଇଲେ ପ୍ରାୟ ୩୦ରୁ ୪୦ ଟଙ୍କା ଖର୍ଚ୍ଚ ହେଉଛି। ଏ ନେଇ ଜିଲା କୃଷି ଅଧିକାରୀ ମନୋରଞ୍ଜନ ରାଉଳଙ୍କୁ ପଚାରିବାରେ ଅଦ୍ୟାବଧି ୩,୯୩୦ ଟନ୍ ୟୁରିଆ ଜିଲାର ବିଭିନ୍ନ ଗୋଦାମକୁ ଆସି ସାରିଛି। ଖୁବ୍‌ଶୀଘ୍ର ଅବଶିଷ୍ଟ ସାର ପହଞ୍ଚିଯିବ। ୫୭ କୃଷି ସମବାୟ ସମିତି ଚାଷୀଙ୍କୁ ୟୁରିଆ ଯୋଗାଣ ପାଇଁ ସାର ଉଠାଇଥିବା ବେଳେ ଅବଶିଷ୍ଟ ସମିତିକୁ ସାର ଉଠାଣ ପାଇଁ ଚିଠି ହୋଇଛି।

## ସଂକ୍ଷେପରେ

### ୧୦ରେ କେନ୍ଦ୍ରାପଡ଼ାକୁ ଆସିବେ ରାଜ୍ୟପାଳ

କେନ୍ଦ୍ରାପଡ଼ା ଅଫିସ, ୮।୮: ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆସନ୍ତା ୧୦ ତାରିଖରେ କେନ୍ଦ୍ରାପଡ଼ା ଜିଲାକୁ ଆସୁଛନ୍ତି। ଏହିଦିନ ପୂର୍ବାହ୍ନ ୧୧ଟାରେ ଜଣ୍ଟିଲୋସ୍ଥିତ ଆଇବିରେ ପହଞ୍ଚିବାକୁ ଥିବା ବେଳେ ସାଢେ ୧୧ରେ ସହରର ଟାଉନ ହଲ୍‌ଠାରେ ପହଞ୍ଚିବେ। ଏଠାରେ ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର ପୁସ୍ତକ ଉନ୍ମୋଚିତ କରିବେ। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଓ ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହିବେ। ସେହିପରି ଅପରାହ୍ନ ସାଢେ ୧୨ରେ ଗରାପୁରସ୍ଥ ଶିବାନନ୍ଦ ଆଶ୍ରମରେ ପହଞ୍ଚି ବଳଦେବଜୀଉ ମିଶନ ଶକ୍ତି ସଦସ୍ୟାଙ୍କ ସହ ରାଜ୍ୟପାଳ ଆଲୋଚନା କରିବେ। ଏଥିସହ ଅପରାହ୍ନ ୧ଟାରେ କଜଳାସ୍ଥିତ ମ୍ୟୁନିସିପାଲିଟି ବ୍ଲାଇଣ୍ଡ ସ୍କୁଲକୁ ଯିବା କାର୍ଯ୍ୟକ୍ରମ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଡାକ୍ତରାଣୀଙ୍କ ବେକରୁ ଚେନ ଛିଡାଇ ୨ ଅଟକ

ମାର୍ଶାଘାଇ, (ଡି.ଏନ.ଏ.) : ମାର୍ଶାଘାଇ ଥାନା ନିକଟସ୍ଥ କେନାଲ ବ୍ରିଜ ଛକରେ ସୋମବାର ଜଣେ ଡାକ୍ତରାଣୀଙ୍କ ବେକରୁ ଚେନ ଛିଡାଇଥିବା ୨ଜଣ ଦୁର୍ବୃତ୍ତଙ୍କୁ ପୋଲିସ ଅଟକ ରଖିଛି। ଡାକ୍ତରାଣୀଙ୍କ ବେକରୁ ଚେନ ଛିଡାଇ ନେଇ ପଳାଇ ଯାଉଥିବା ବେଳେ ୨ଜଣ ଦୁର୍ବୃତ୍ତଙ୍କୁ ସ୍ଥାନୀୟ ଲୋକେ ଧରି ଉତ୍ତମ ମଧ୍ୟମ ଦେବାସହ ପୋଲିସର ଜିମା ଦେଇଛନ୍ତି। ଥାନା ଅନ୍ତର୍ଗତ ପାଇଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସାଗରିକା ମହାପାତ୍ର ମାର୍ଶାଘାଇ ଆସୁଥିବା ବେଳେ ତାଙ୍କ ପଛରେ ୨ଜଣ ଯୁବକ ଏକ ବାଇକ୍‌ରେ ପିଛା କରୁଥିଲେ। ସ୍ଥାନୀୟ କୁସୁନପୁର ଛକ ପାଖରେ ଥିବା ହମ୍ପସ ନିକଟରେ ସାଗରୀକାଙ୍କ ସ୍କୁଟି ଧୀର ହୋଇ ଯାଇଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ବେକରୁ ସୁନା ଚେନକୁ ଛିଣ୍ଡାଇ ନେଇ ପଳାଉ ଥିଲେ। ବାଟରେ ଯାଉଥିବା କେତେକ ଲୋକ ହୋ ହାଲ୍ଲା କରିବାରୁ ଆଗରେ କେନାଲ ବ୍ରିଜ ଛକରେ ଉପସ୍ଥିତ ଥିବା କେତେଜଣ ଲୋକ ୨ଜଣଙ୍କୁ ଅଟକାଇବାରୁ ସେମାନେ ଗାଡି ଛାଡି ଦୌଡ଼ିବା ବେଳେ ମାଡ଼ି ବସିଥିଲେ। ଖବରପାଇ ପୋଲିସ ସେମାନଙ୍କୁ ଥାନାକୁ ନେଇଥିଲା। ଅଟକ ଥିବା ଦୁର୍ବୃତ୍ତ ଦ୍ୱୟ ହେଲେ କୁଜଙ୍ଗ ଥାନା ବଳରାମପୁର ଗାଁର ମହମ୍ମଦ ଇସାକ(୨୭) ଓ ଶେଖ ଅହମ୍ମଦ (୨୦), ପାଟକୁରା ଥାନା ଅନ୍ତର୍ଗତ ଶାସନିପଡା ଗାଁର ସାଗରୀକାଙ୍କ ଅଭିଯୋଗ ପରେ ନଂ.୩୧୩/୨୨ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ମଙ୍ଗଳପୁରରେ ୨୩୪ ଅଭିଯୋଗ

ଡେରାବିଶ, ୮।୮(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ଆରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ଇତିଶ୍ରୀ ନାୟକ, ସମିତିସଭ୍ୟା ରଶ୍ମିତା ମରାଣ୍ଡି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗର ଶୁଣାଣିରେ ସହଯୋଗ କରିଥିଲେ। ବିଡିଓ ନମିତା ବାରିକ ଶିବିରରେ ଉପସ୍ଥିତ ରହି ୨୩୪ଟି ଅଭିଯୋଗର ଶୁଣାଣି କରିଥିଲେ। ତ୍ୱରିତ ପଦକ୍ଷେପ ପାଇଁ ଆସିଥିବା ଅଭିଯୋଗ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ନିକଟକୁ ପଠାଇବା ସହ କେତେଗୋଟି ଅଭିଯୋଗର ବିଡିଓ ବାରିକ ସମାଧାନ କରିଥିଲେ। ଏଥିରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଖୋଲାଯାଇ ଶିବିରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିସହ ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକ ତଥା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବୁଷ୍ଟର ଡୋଜ୍ ପ୍ରଦାନ କରାଯାଇଥିଲା। ଶିବିରରେ ଏବିଡିଓ ଭଞ୍ଜ କିଶୋର ନାୟକ, ସହକାରୀ ପ୍ରକଳ୍ପ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ସିଡିପିଓ ସ୍ନେହଲତା ସାହୁ, ବ୍ଲକ ମଙ୍ଗଳ ଅଧିକାରୀ ରଶ୍ମି ଦେବୀ, ଉଦ୍ୟାନ କୃଷି ଅଧିକାରୀ ଶୁଭଶ୍ରୀ ମଲ୍ଲିକ ଓ କେଦାର ବାରିକ, ମତ୍ସ୍ୟ ଅଧିକାରୀ ପ୍ରେୟସୀ ସାମଲ, ଜୀବିକା ମିଶନ ସଂଯୋଜିକା ସରିତା ସାହୁ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ବିଭୂତି ଦାସ ଓ ଦେବାଶିଷ ଧଳଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନୀଳମାଧବ ନାୟକ, ସୂର୍ଯ୍ୟକାନ୍ତ ନାୟକ, ବିଭୁପ୍ରସାଦ ନାୟକ ଓ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ରାଜ୍ୟ କ୍ରୀଡ଼ା ଶିବିର ପାଇଁ ୨୦ ମନୋନୀତ

କେନ୍ଦ୍ରାପଡ଼ା ଅଫିସ, ୮।୮

ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱରସ୍ଥ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଦୌଡକୁଦ, ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଫୁଟବଲ, ୧୬ ତାରିଖରେ ଖୋଖୋ, ୧୯ ଓ ୨୦ ତାରିଖରେ ଭଲିବଲ ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେବ। ଏହି ପ୍ରତିଯୋଗିତା ପାଇଁ କେନ୍ଦ୍ରାପଡ଼ା ଜିଲାରୁ ୨୦ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ଦୌଡକୁଦ ପାଇଁ ବିଶ୍ୱାସ ଶିବସୁନ୍ଦର, ଦେବୀପ୍ରସାଦ କାମିଲା, ଓମ୍‌ପ୍ରକାଶ ଦାସ, ସାଇଅଚ୍ୟୁତ ନାୟକ, ସମ୍ଭବ ଓଝା, ସାର୍ଥକ କୁମାର ଦାସ, ଶୁଭମ କୁମାର ସ୍ୱାଇଁ, ସୂର୍ଯ୍ୟକାନ୍ତ ନାୟକ ଓ ଓମ୍‌ପ୍ରକାଶ ନାୟକ ମନୋନୀତ ହୋଇଛନ୍ତି। ସେହିପରି ଫୁଟବଲ ପାଇଁ ଅଭିଷେକ ଖୁଣ୍ଟିଆ, ଆଦ୍ୟଜ୍ୟୋତି ସାମଲ, ବିଭୁଦତ୍ତ ନାୟକ, ଗିତେଶ କୁମାର ପାତ୍ର, ସୋମିଆ ସୋରେନ ଓ ସୁବାଶିଷ ନାୟକ ମନୋନୀତ ହୋଇଥିବା ବେଳେ ଖୋ ଖୋ ପାଇଁ ଅବିନାଶ ସାମଲ, କୁଶାଗ୍ର ସିହ୍ନା ଓ ସୋୟା ଘଡାଇ ମନୋନୀତ ହୋଇଛନ୍ତି। ଏଥିସହ ମହିଳା ଭଲିବଲ ପାଇଁ କେନ୍ଦ୍ରାପଡ଼ା ଜିଲାର ଜନଫ ବେଗମ ଓ ସିମନ ବେହେରା ପ୍ରତିଯୋଗୀ ହୋଇଛନ୍ତି। ଜିଲାପାଳ ଅମ୍ରିତ ଋତୁରାଜ, ଏଡିଏମ୍ ପୀତାମ୍ବର ସାମଲ, ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରତିଯୋଗୀଙ୍କୁ ସୋମବାର ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

## ରାଜନଗରରେ ଶହେ ଫୁଟର ତ୍ରିରଙ୍ଗା ଶୋଭାଯାତ୍ରା

ରାଜନଗର, ୮।୮(ଡି.ଏନ.ଏ.)

ସାରା ଦେଶରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ହେଉଛି। ମଙ୍ଗଳବାର କ୍ରାନ୍ତି ଦିବସ। ସ୍ୱାଧୀନତା ଦିବସ ଓ କ୍ରାନ୍ତି ଦିବସର ଅବ୍ୟବହିତ ପୂର୍ବରୁ ରାଜନଗରରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଛି। ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ଛାତ୍ରୀଛାତ୍ରଙ୍କଠୁଁ ଆରମ୍ଭକରି ମହିଳା ଏବଂ ସବୁବର୍ଗର ଲୋକେ ସାମିଲହୋଇ ଦେଶପ୍ରେମର ଝଲକ ଦେଖାଇଛନ୍ତି। ସୋମବାର ସକାଳ ୯ଟାରେ ରାଜନଗର ବଡ଼ଦାଣ୍ଡରୁ ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ୧୦୦ ଫୁଟ ଲମ୍ବର ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ବାହାରିଥିଲେ। ୧୦୦ ଫୁଟର ତ୍ରିରଙ୍ଗା ସହ ସମସ୍ତଙ୍କ ହାତରେ ଜାତୀୟ ପତାକା ରହିଥିଲା। ଭାରତମାତା କି ଜୟ, ବନ୍ଦେ ମାତରମ ଧ୍ୱନିରେ ରାଜନଗର ପ୍ରକମ୍ପିତ ହୋଇଥିଲା। ବଡ଼ଦାଣ୍ଡରୁ ଏହି ଶୋଭାଯାତ୍ରା ବାହାରି ରାଜନଗର ଗାଁ, ରାଜନଗର ବଜାର ପରିକ୍ରମା କରି ହଂସୁଆ ସେତୁ ଦେଇ ତ୍ରିନାଥବଜାର ଓ ଗୋପାଳପୁର ବଜାର ପରିକ୍ରମା କରିଥିଲା। ସେଠାରୁ ଫେରି ରାଜନଗର ବାଇପାସ୍ ଦେଇ ପୁଣି ବଡ଼ଦାଣ୍ଡରେ ପହଞ୍ଚିଥିଲା। ଏହି ୫ କି.ମି. ବ୍ୟାପୀ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ସମସ୍ତଙ୍କ ମନରେ ଦେଶପ୍ରେମର ଭାବନା ସୃଷ୍ଟି କରିଥିଲା। ଏହି ତ୍ରିରଙ୍ଗା ଶୋଭାଯାତ୍ରା ଯିବା ବେଳେ ଅଧିକାଂଶ ସ୍ଥାନରେ ମହିଳାମାନେ ଫୁଲ ପକାଇ ବନ୍ଦାପନା ମଧ୍ୟ କରିଥିଲେ। ରାଜନଗର ଛାତ୍ର ସୁରକ୍ଷା ମଞ୍ଚର ପ୍ରତିଷ୍ଠାତା ସଞ୍ଜୟ କୁମାର ବାଗ୍, ସଭାପତି ରାଘବେନ୍ଦ୍ର ମହାନ୍ତି, ଦେବଦତ୍ତ ସେଠୀଙ୍କ ନେତୃତ୍ୱରେ ପବିତ୍ର ସେଠୀ, ଦେବାଶିଷ ରାଉଳ, ଲିଟନ ସେଠୀ, ବାବୁନି ମିଶ୍ର, ଲମ୍ବୋଦର ସାହୁ, ଅଶୋକ ସେଠୀ, ଦୀପକ ରାଉତ, ଅଜୟ ଦାସ, ଶୁଭଦର୍ଶନୀ ସୂତାର, ସାଇନା ମହାନ୍ତି ପ୍ରମୁଖ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ଆଇନଜୀବୀ ମନ୍ମଥ ରାଉତ, ବିଶ୍ୱନାଥ ବାରିକ, ତାପସ କୁମାର ପରଡ଼ା, ଦୋଳଗୋବିନ୍ଦ ଜେନା, ତ୍ରିଲୋଚନ ଦାସ, କୃତ୍ତିବାସ ପ୍ରଧାନ, ଜଗବନ୍ଧୁ ଖଟୁଆ, ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।


ରାଜନଗର ଅଞ୍ଚଳର ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀମାନେ ଶହେ ଫୁଟ୍‌ର ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ଯାଉଛନ୍ତି।

## ବେରୁହାଁ ପଞ୍ଚାୟତ: ୫୨୦ ଅଭିଯୋଗର ଶୁଣାଣି

ମାର୍ଶାଘାଇ,୮।୮ (ଡି.ଏନ.ଏ.)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବେରୁହାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୫୨୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୨୪ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବ୍ୟାଙ୍କ ଲିଙ୍କେଜ ପ୍ରଦାନ, ୩୫ ଜଣ ଅଣ ସଙ୍ଗଠିତ ଶ୍ରମିକଙ୍କ ନାମ ପଞ୍ଜୀକରଣ, ୧୭ଜଣଙ୍କୁ ଗ୍ରାମୀଣ କୈଶୋର ଯୋଜନାରେ ସାମିଲ କରାଯାଇଥିଲା। ସେହିପରି ସୁକନ୍ୟା ସମୃଦ୍ଧି ଯୋଜନାରେ ୧୧ ଜଣ ଓ ୩୭ଜଣ ଶିଶୁଙ୍କ ଆଧାର ପଞ୍ଜୀକରଣ କରାଯାଇଥିଲା। ଗୋପାଳନ ଓ ମତ୍ସ୍ୟଚାଷ ପାଇଁ ୪୧ଜଣ ଆବେଦନ କରିଥିବା ବେଳେ ଶହେ ପ୍ରାଣୀଙ୍କ ଟିକାକରଣ କରାଯାଇଥିଲା। ଭତ୍ତା ପାଇଁ ୨ଜଣ ଆବେଦନ କରିଥିବା ବେଳେ ୮ ଜଣଙ୍କ ମାଟି ଓ ୧୧ ଜଣଙ୍କ ପାଣି ପରୀକ୍ଷା କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷା ଊର୍ମିଳା ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ସରପଞ୍ଚ ବାବାଜୀ ଚରଣ ସ୍ୱାଇଁ, ସମିତିସଭ୍ୟ ରଞ୍ଜିତ ପ୍ରଧାନ, ଅତିରିକ୍ତ ତହସିଲଦାର ଅଶୋକ ବେହେରା,ପ୍ରଫୁଲ୍ଲ ବିଶ୍ୱାଳ ଓ ଜିପିଓ ନିରଞ୍ଜନ ଦାସ ମଞ୍ଚାସୀନ ଥିଲେ। ସର୍ବେଶ୍ୱର ଦାସ ମଞ୍ଚ ପରିଚାଳନା କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସିଡିପିଓ ପ୍ରୀତିଲତା ପାଢ଼ୀ, ସହକାରୀ କୃଷି ଅଧିକାରିଣୀ ପ୍ରଣତି ମହାନ୍ତି, ବ୍ଲକ ଜୀବିକା ମିଶନର ସଂଯୋଜିକା ସଞ୍ଜା ସାଗରିକା ପଣ୍ଡା, ଉଦ୍ୟାନ ବିଭାଗ ଅଧିକାରୀ ଶରତ ଚନ୍ଦ୍ର ବେହେରା, ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁଶାନ୍ତ ମହାନ୍ତି, ଯୋଗାଣ ନିରୀକ୍ଷକ ରଶ୍ମିପ୍ରଭା ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ କର୍ମଚାରୀ ଶିବିରରେ ସହଯୋଗ କରିଥିଲେ।

## ଶହୀଦ ରବୀନ୍ଦ୍ରନାଥ ସାମଲଙ୍କୁ ଶ୍ରଦ୍ଧାଞ୍ଜଳି



ପ୍ରତିରକ୍ଷା ବିଭାଗ ପକ୍ଷରୁ ଶହୀଦଙ୍କ ପରିବାରକୁ ମାନପତ୍ର ପ୍ରଦାନ କରାଯାଉଛି।

ପାଟକୁରା,୮।୮(ଡି.ଏନ.ଏ.)

ଦେଶ ୭୫ତମ ସ୍ୱାଧୀନତା ଦିବସ ପାଳନ କରୁଥିବା ଅବସରରେ ଆଜାଦୀ କି ଅମୃତ ମହୋତ୍ସବ ପାଳନ କରୁଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ବିଭାଗ ପକ୍ଷରୁ ଦେଶ ପାଇଁ ବଳିଦାନ ଦେଇଥିବା ଯବାନଙ୍କୁ ମନେରଖିବାକୁ ସେନା ପକ୍ଷରୁ ଏନ୍‌ସିସି ଅଧିକାରୀଙ୍କ ଦ୍ୱାରା ଶହୀଦଙ୍କ ପରିବାରକୁ ଭେଟି ବଳିଦାନର ମହତ୍ତ୍ୱ ବୁଝାଇବା ସହ ପରିବାରର ଭଲ ମନ୍ଦ ପଚାରି ବୁଝିଥିଲେ। ସୋମବାର ଗରଦପୁର ବ୍ଲକ ଅନ୍ତର୍ଗତ ସାନଅଡଙ୍ଗା ପଞ୍ଚାୟତର ନଗରିପଡା ଗ୍ରାମର ଶହୀଦ ରବୀନ୍ଦ୍ରନାଥ ସାମଲଙ୍କ ପ୍ରତିମୂର୍ତ୍ତିରେ ସୁବେଦାର ଏମ୍.ଆର୍. ରେଡ୍ଡୀ, ହଳଧର ପଣ୍ଡା ଏବଂ ଏନ୍‌ସିସି ଅଫିସର ସୈମେନ୍ଦ୍ର କୁମାର ସେଠୀ ପୁଷ୍ପମାଳ ଦେଇ ଶ୍ରଦ୍ଧାଞ୍ଜଳି ଦେବା ସହ ପ୍ରତିରକ୍ଷା ବିଭାଗ ପକ୍ଷରୁ ଏକ ମାନପତ୍ର ତାଙ୍କ ସ୍ତ୍ରୀ ବାସନ୍ତୀଙ୍କୁ ପ୍ରଦାନ କରିଥିଲେ। ଶହୀଦ ସାମଲ ସେତେବେଳେ ବିହାର ରେଜିମେଣ୍ଟରେ ନାୟକ ଭାବେ କାର୍ଯ୍ୟରତ ଥିଲେ। ସେହି ସମୟରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସମୟରେ ସେନା ପକ୍ଷରୁ ଶ୍ରୀଲଙ୍କା ଯାଇ ଯୁଦ୍ଧ କରି ଶହୀଦ ହୋଇଥିଲେ। ଏହି ଅବସରରେ ଶହୀଦଙ୍କ ସ୍ତ୍ରୀ ବାସନ୍ତୀ, ପୁତ୍ର ରଞ୍ଜନ, ଭଞ୍ଜକିଶୋର ଓ ସୁଶାନ୍ତଙ୍କ ସମେତ ସରପଞ୍ଚ ଅଭୟ କୁମାର ମଲ୍ଲ, ନଡ଼ିଆବରାଇ ସରପଞ୍ଚ ସନ୍ତୋଷ ମାହାଳୀଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ବଙ୍ଗାଳପୁର ପଞ୍ଚାୟତ ଶାସନ ଗ୍ରାମର ଶହୀଦ ସୁବାସ ଜେନାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ବଙ୍ଗାଳପୁର ସରପଞ୍ଚ ଅମିୟ କୁମାର ଜେନାଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ।

## ବଙ୍ଗାଳପୁର ପଞ୍ଚାୟତ: ପଲ୍ଲୀରେ ପ୍ରଶାସନ

ପାଟକୁରା,୮।୮ (ଡି.ଏନ.ଏ.)

ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅମିୟ କୁମାର ଜେନାଙ୍କ ସଂଯୋଜନାରେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଶାସନର ସମସ୍ତ ବିଭାଗ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସେବା ଓ ଅଭିଯୋଗ ଶୁଣିବା ସହ ତତ୍‌କ୍ଷଣାତ ସମସ୍ୟାର ସମାଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ରଞ୍ଜିତ କୁମାର ମଲ୍ଲିକ, ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ସମିତିସଭ୍ୟା ମହାଶ୍ୱେତା ସାମଲ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଏହାଛଡା ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରୋନା ମହାମାରୀକୁ ମୁକାବିଲା ପାଇଁ ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ବୁଷ୍ଟର ଡୋଜ ଦିଆଯାଇଥିଲା। ଏହାକୁ ଆମ୍ବାର ଅଧ୍ୟକ୍ଷ ଦୀପକ କୁମାର ରାଉତ, ଗୁଣନିଧି ଦାସ, ବିଶ୍ୱରଞ୍ଜନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।


ପଲ୍ଲୀରେ ପ୍ରଶାସନ: ଉଦ୍‌ଘାଟନୀ ଉତ୍ସବରେ ନେତା ଓ ପଦାଧିକାରୀମାନେ।

# ପ୍ରହସନ ପାଲଟିଲା ପଲ୍ଲୀରେ ପ୍ରଶାସନ

**ଅରଗଳ ପଞ୍ଚାୟତ**

ଆଳି,୮।୮(ଡି.ଏନ.ଏ.)

ସାଧାରଣ ଲୋକମାନଙ୍କ ନିକଟରେ ପ୍ରଶାସନ ପହଞ୍ଚି ସେମାନଙ୍କ ଅଭିଯୋଗ ଗ୍ରହଣ କରିବା ସହ ସମାଧାନ କରିବା ନିମନ୍ତେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ପଲ୍ଲୀରେ ପ୍ରଶାସନ। ସୋମବାର ଆଳି ବ୍ଲକର ଅରଗଳ ପଞ୍ଚାୟତରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇଛି। ପଞ୍ଚାୟତର ୧୮୬ ଜଣ ଅଭିଯୋଗକାରୀ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିବା ବିଡିଓ ଦ୍ୱିବେନ୍ଦୁ ଦାସ ସୂଚନା ଦେଇଛନ୍ତି। କିନ୍ତୁ ପଞ୍ଚାୟତ ପକ୍ଷରୁ ଆୟୋଜିତ ଶିବିରରେ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଯୋଗୁ ଶତାଧିକ ଅଭିଯୋଗକାରୀ ଶିବିରକୁ ଆସି ଅଭିଯୋଗ କରି ନ ପାରି ଫେରିଥିବା ଦେଖିବାକୁ ମିଳିଛି। ଠିକ୍ ଭାବେ ଆବେଦନପତ୍ର ପାଇ ନ ଥିବାବେଳେ ଅଭିଯୋଗ ଦେବା ନିମନ୍ତେ ଅନେକ ସମୟ ଧରି ଧାଡ଼ିବାନ୍ଧି ଅପେକ୍ଷା କରିବାକୁ ପଡିଥିଲା। ଏପରି କି ବରିଷ୍ଠ ନାଗରିକମାନଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାବେଳେ ପାନୀୟ ଜଳର ମଧ୍ୟ ବ୍ୟବସ୍ଥା ନ ଥିଲା। ଏହାକୁ ନେଇ ଅଭିଯୋଗକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅପରପକ୍ଷରେ ବିଡିଓଙ୍କ ବ୍ୟତୀତ ଅନ୍ୟ ସମସ୍ତ ପଦାଧିକାରୀ ପୂର୍ବାହ୍ନ ୧୦ଟାରେ ପହଞ୍ଚି ଅଭିଯୋଗ ଶୁଣିବା ପରିବର୍ତ୍ତେ ମଧ୍ୟାହ୍ନ ୧୨ ଟାରେ ପହଞ୍ଚି ଥିବା ଦେଖିବାକୁ ମିଳିଥିଲା। ଜିଲାପାଳଙ୍କ ଏହି ଚେଷ୍ଟା ବାସ୍ତବରେ କେତେ ଫଳପ୍ରଦ ହେବ ତାହା ସମୟ କହିବ।


ଆଳି ବ୍ଲକ ଅରଗଳ ପଞ୍ଚାୟତ: ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଅଭିଯୋଗ କରିବାକୁ ଆସିଥିବା ଲୋକମାନେ ହଇରାଣ ହେଉଛନ୍ତି।

## ସଂକ୍ଷେପରେ

### ପେଟ୍ରୋଲ ପମ୍ପରେ ଭଙ୍ଗାରୁଜା

ଆସିକା,୮।୮(ଡି.ଏନ.ଏ.): ଆସିକା ଥାନା ଅନ୍ତର୍ଗତ ଝଗଡାଇ ଠାରେ ଥିବା ଏକ ପେଟ୍ରୋଲ ପମ୍ପରେ ଭଙ୍ଗାରୁଜା କରିବା ସହ ମାଲିଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଦେବଭୂମି ଗ୍ରାମର ଗଙ୍ଗା ପାତ୍ର । ଗତ ଜୁଲାଇ ୨୬ ତାରିଖରେ ଗଙ୍ଗା ପେଟ୍ରୋଲ ପମ୍ପକୁ ଆସି କିଛି ଜିନିଷ ମାଗିଥିଲେ । ତେବେ ଦାୟିତ୍ୱରେ ଥିବା ମାଲି ଏହା ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ଅଭିଯୁକ୍ତ ଜଣକ ପେଟ୍ରୋଲ ପମ୍ପରେ ଭଙ୍ଗାରୁଜା କରିବା ସହ ଭଙ୍ଗା କାଚରେ ମାଲିକୁ ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ । ଏ ନେଇ ମାଲି ନରସିଂହ ସାହୁଙ୍କ ପକ୍ଷରୁ ପୋଲିସରେ ଅଭିଯୋଗ କରାଯାଇଥିଲା। ନଂ. ୪୩୯/୨୨ରେ ଏକ ମାମଲା ରୁଜୁ କରାଯାଇଥିଲା ।

### ପାରଳାଖେମୁଣ୍ଡିରେ ଆଇନ ଅମାନ୍ୟ ଆନ୍ଦୋଳନ

ପାରଳାଖେମୁଣ୍ଡି,୮।୮(ଡି.ଏନ୍.ଏ.)- ପାରଳାଖେମୁଣ୍ଡିଠାରେ ସୋମବାର ଆଇନ ଅମାନ୍ୟ ଆନ୍ଦୋଳନ କରାଯାଇଛି। ଓଡିଶା କୃଷକ ସଭା, ଓଡିଶା କ୍ଷେତ ମଜଦୁର ୟୁନିୟନ, ସିଆଇଟିୟୁ, ବିକେଏମୟୁର ଶତାଧିକା କର୍ମକର୍ତ୍ତାମାନେ ନଗରପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏମାନେ ସମ୍ବିଧାନ ଓ ଦେଶକୁ ରକ୍ଷାକରିବା ନିମନ୍ତେ ବିଭିନ୍ନ ସ୍ଲୋଗାନ ଦେଇଥିବା ବେଳେ ବାସହୀନଙ୍କୁ ଘର ଡିହ ଦେବା, ସମସ୍ତ ଖାଦ୍ୟ ଦ୍ରବ୍ୟ ଉପରୁ ଜିଏସ୍ଟି ପ୍ରତ୍ୟାହାର କରିବା, ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ବନ୍ଦ କରିବା ଆଦି ଦାବି କରିଥିଲେ। ଆନ୍ଦୋଳନରେ ଓଡିଶା କୃଷକ ସଭାର ଜିଲା ସମ୍ପାଦକ ଦଣ୍ଡପାଣି ରଇତ, ସିଆଇଟିୟୁର ଜିଲା କମିଟି ସଭ୍ୟ ଶ୍ରୀନିବାସ ବେହେରା, ଓଡ଼ିଶା କୃଷକ ସଭାର ଜିଲା ସଭ୍ୟ ଏମ.ବାଙ୍ଗାରୀ, ସିଆଇଟିୟୁର ଜିଲା କମିଟି ସଭ୍ୟ ରାଉତ ଚନ୍ଦ୍ରଶେଖର ଦେଓ, କ୍ଷେତମଜଦୁର ୟୁନିୟନର ଜିଲା କମିଟି ସଭ୍ୟ ମେଜଣ ଶବର ପ୍ରମୁଖଙ୍କ ସହ ଶତାଧିକ କର୍ମୀମାନେ ଉପସ୍ଥିତ ଥିଲେ।

### ଲୁଟେରା ଗିରଫ : ଲୁଟ୍ ଟଙ୍କା, ସୁନା ଜବତ

ଆସିକା,୮।୮(ଡି.ଏନ.ଏ.)- ଆସିକା ଏନଏସି ହାଟପଦାଠାରେ ରହୁଥିବା ଜଣେ ହାର୍ଡୱେର ଦୋକାନୀ ହରି ରେଡ୍ଡୀଙ୍କ ଘରୁ ଗତ ସୋମବାର ସନ୍ଧ୍ୟାରେ ଲୁଟ ହୋଇଥିଲା। ପୋଲିସ ଏହି ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଆସିକା ଥାନା ଅନ୍ତର୍ଗତ ଦେବଭୂମି ଗ୍ରାମର ବାବୁଲା ନାହାକ । ତାଙ୍କ ନିକଟରୁ ପୋଲିସ ୮୦ ହଜାର ଟଙ୍କା ସହ ୪୨ଟି ଖାସୁ ଥିବା ଗୋଟିଏ ମାଳି, ଦୁଇଟି ହନୁମାନ ଲକେଟ ଓ ଗୋଟିଏ ଲକେଟ ସହ ଡିଜିଟାଲ ୱାଚ, ସ୍କୁଲ ବ୍ୟାଗ ଆଦି ଜବତ କରିଛି । ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଗତ ୧ ତାରିଖ ସନ୍ଧ୍ୟାରେ ବାବୁଲା ଏକ ଛୁରୀ କିଣିବା ବାହାନାରେ ହରିଙ୍କ ହାର୍ଡୱେର ଦେକାନକୁ ଯାଇଥିଲେ। ସେ ଦୋକାନ ସଂଲଗ୍ନ ଘରେ ପଶି ଗୋଟିଏ ବକ୍ସରେ ଥିବା ସୁନା ଅଳଙ୍କାର ଓ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ । ଏ ନେଇ ହରିଙ୍କ ଅଭିଯୋଗ ପ୍ରକାରେ ଥାନାରେ ୪୬୦/୨୨ରେ ମାମଲା ରୁଜୁ କରି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ପୋଲିସ ତଦନ୍ତ କରିଥିଲା। ଏଥିସହସହ ସିସିଟିଭି ଫୁଟେଜ ଓ ମୋବାଇଲର ଲୋକେଶନ ଟ୍ରାକ୍ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣସତ୍ୟାଗ୍ରହ

ନୟାଗଡ଼ ଅଫିସ,୮।୮

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁ, କୃଷକ ସଭା ଓ କ୍ଷେତ ମୂଲିଆ ସଂଘର ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣସତ୍ୟାଗ୍ରହ କରାଯାଇଥିଲା । ସତ୍ୟାଗ୍ରହୀମାନେ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତିର ପ୍ରତିବାଦ କରି ଗିରଫ ହୋଇଥିଲେ। ଆନ୍ଦୋଳନକାରୀଙ୍କ ଦାବି ଅନୁସାରେ, ପାଚିକା ସହାୟିକା ଓ ଆଶା କର୍ମୀଙ୍କୁ ସରକାରୀ ମାନ୍ୟତା ସହ ସର୍ବନିମ୍ନ ୭୦୦ ଟଙ୍କା ମଜୁରୀ ଦେବା, ଠିକା ନିଯୁକ୍ତି ବଦଳରେ ସ୍ଥାୟୀ ନିଯୁକ୍ତି କରିବାର ଦାବି ଥିଲା। ସେହିପରି ଧାନ କୁଇଣ୍ଟାଲର ଦାମ ସର୍ବନିମ୍ନ ୩ ହଜାର କରାଇବା, ନିଶ୍ଚିତ କର୍ମନିଯୁକ୍ତି ଯୋଜନାକୁ ସମ୍ପ୍ରସାରିତ କରି ଶ୍ରମିକଙ୍କୁ ୨୦୦ ଦିନ କାମ ଯୋଗାଇବା, ଚାଷୀଙ୍କୁ ଆବଶ୍ୟକ ସାର ଠିକ୍ ଦରରେ ଯୋଗାଇବା, ବଜାର ଦର ଉପରେ ଲଗାମ ଲଗାଇବା, ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦର କମାଇବା ଦାବି ନେଇ ଆନ୍ଦୋଳନ ହୋଇଥିଲା। ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ କୃଷକ, ଶ୍ରମିକ, ଆଶା କର୍ମୀ ପ୍ରମୁଖ ନୟାଗଡ଼ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରେ ସାମିଲ ହୋଇଥିଲେ। ପୋଲିସ କଡନ ଭାଙ୍ଗି ଗିରଫ ହୋଇଥିଲେ। ଶ୍ରମିକ ନେତା ମହାପାତ୍ରଙ୍କ ନେତୃତ୍ୱରେ ଆଶା କର୍ମୀ ନେତ୍ରୀ ନଳିନୀ ଦାଶ, ଶୁଭଶ୍ରୀ ପଟ୍ଟନାୟକ, ପ୍ରତିଭା ମଞ୍ଜରୀ ବେହେରା, କୃଷକ ନେତା ଗୋଲଖ ବିହାରୀ ମୁଦୁଲି, ଋଷି ପ୍ରଧାନ, ନିରଞ୍ଜନ ସାହୁ, ସିଆଇଟିୟୁର ପବିତ୍ର ଇନ୍ଦ୍ରଜିତ୍, ଏସ୍.ଏ. କରିମ ପ୍ରମୁଖ ସାମିଲ ଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଅପହୃତା ମହିଳାଙ୍କ ଆତ୍ମହତ୍ୟା ପରେ ବଢ଼ିଲା ଅଡୁଆ

ନୟାଗଡ଼ ଅଫିସ,୮।୮

ନୟାଗଡ଼ ଜିଲା ଫତେଗଡ ଥାନା ଅଞ୍ଚଳରୁ ଅପହୃତା ମହିଳା ନୟାଗଡ଼ ଟାଉନ ଥାନାର ହୋଟେଲ ତ୍ରିନାଥରେ ଆତ୍ମହତ୍ୟା କରିବା ପରେ ଅପହରଣକାରୀଙ୍କ ପାଇଁ ଅଡୁଆ ବଢ଼ିଛି। ନୟାଗଡ଼ ଟାଉନ ଥାନା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଅପହରଣକାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ତେବେ ଘଟଣାଟି ଫତେଗଡ ଥାନା ଅଞ୍ଚଳ ହୋଇଥିବାବେଳେ ନୟାଗଡ଼ ଟାଉନ ଅଥବା ଫତେଗଡ ଥାନା ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ମହିଳାଙ୍କ ଆତ୍ମହତ୍ୟା ପରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ମହିଳାଙ୍କୁ ଅପହରଣ କରାଯାଇଛି ନାଁ ନିଜ ଘରେ କାମ କରୁଥିବା ମିସ୍ତ୍ରିଙ୍କ ସହ ଭଲ ପାଇ ସେ ଚାଲି ଆସିଥିଲେ। ଯଦି ଅପହରଣ ହୋଇଛି, ତେବେ ମହିଳା ହୋଟେଲରେ ଥାଇ ପୋଲିସ ସହ ଯୋଗାଯୋଗ କଲେ ନାହିଁ କାହିଁକି। ଅନ୍ୟପକ୍ଷେ ଯଦି ଭଲ ପାଇ ଆସିଥିଲେ ଆତ୍ମହତ୍ୟା କରିବାର କାରଣ କ'ଣ ହୋଇପାରେ। ନାଁ ମହିଳାଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରାଯାଇଛି। ମହିଳା ଆତ୍ମହତ୍ୟା ପରେ ବି ଅପହରଣକାରୀ ଫେରାର ହୋଇ ନ ଥିଲେ। ବରଂ ପୋଲିସକୁ ସହଯୋଗ କରିଥିଲେ। ଘଟଣାର ପ୍ରକୃତ କାରଣ ଉନ୍ମୋଚନ ହୋଇପାରିନାହିଁ। ଆତ୍ମହତ୍ୟା କରିଥିବା ମହିଳାଙ୍କ ସ୍ୱାମୀ ଫତେଗଡ ଥାନା କରିଥିବା ଅଭିଯୋଗ ଅନୁସାରେ ମୋ ସ୍ତ୍ରୀ ୪ଦିନ ତଳୁ ନିଖୋଜ ଥିଲେ। ଆମ ଘରେ ମିସ୍ତ୍ରି କାମ କରୁଥିବା ଖୁଣ୍ଟୁପଡା ଗାଁର ଦୟାନିଧି ମହାପାତ୍ର(୪୮) ୧୧ବର୍ଷର ପୁଅ ଓ ସ୍ତ୍ରୀଙ୍କୁ ଅପହରଣ କରି ନେଇଥିଲେ। ସ୍ତ୍ରୀଙ୍କୁ ଖାନସୀରେ ବିକ୍ରି କରିବାର ଯୋଜନା ଥିଲା। ସ୍ତ୍ରୀଙ୍କୁ ନେଇ ନୟାଗଡ଼ ସହରର ହୋଟେଲ ତ୍ରିନାଥରେ ରଖାଯାଇଥିଲା। ଆତ୍ମହତ୍ୟା କରିବା ପରେ ମାମାଲାର ମୋଡ ବଦଳି ଯାଇଛି। ପୁଅକୁ ଘରକୁ ଫେରାଇ ଆଣିଛି। ତେବେ ସ୍ତ୍ରୀ ଘରୁ ଗଲାବେଳେ କିଛି ସୁନା, ରୁପା ଅଳଙ୍କାର, ୧୧ ହଜାର ଟଙ୍କା ନେଇ ଯାଇଥିଲେ। ରବିବାର ଅପରାହ୍ନରେ ସ୍ତ୍ରୀ ହୋଟେଲରେ ଆତ୍ମହତ୍ୟା କରିଥିଲେ। ସୋମବାର ମୃତଦେହ ଜବତ କରାଯାଇ ପରିବାରେ ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଫତେଗଡ ଥାନାରେ ସ୍ୱାମୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଷ୍ଟେଶନ ଡାଏରୀ କରି ଘଟଣାର ତଦନ୍ତ କରୁଛି।

**ସନ୍ଦେହରେ ଅପହରଣକାରୀ**

# ଲଡୁବାବାଙ୍କୁ ଜଳଲାଗି କଲେ ୩,୯୬୦ କାଉଡ଼ିଆ

ନୟାଗଡ଼ ଅଫିସ,୮।୮

ଶ୍ରାବଣ ମାସର ଶେଷ ସୋମବାରରେ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳର ଲଡୁବାବାଙ୍କ ପୀଠରେ ୩,୯୬୦ କାଉଡିଆ (ବୋଲବମ) ଜଳଲାଗି କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଏଠାକୁ ଆସି ଜଳଲାଗି କରିଥିଲେ। ତେବେ ବର୍ଷା କାରଣରୁ ଜଳଲାଗି ସମୟରେ ଭିଡ ହୋଇ ନ ଥିଲା। କିନ୍ତୁ ପୀଠରେ କାଉଡିଆଙ୍କ ଗହଳି ଲାଗି ରହିଥିଲା। ଅପରପକ୍ଷରେ ନୟାଗଡ଼ ଜିଲାରେ ୩୫୬ ଶିବ ମନ୍ଦିର ରହିଥିବାବେଳେ ୧୨ ଶମ୍ଭୁ ରହିଛନ୍ତି। ଏହି ୧୨ ଶମ୍ଭୁ ବଡପଣ୍ଡୁସରର ଉଗ୍ରେଶ୍ୱର, ନଛିପୁରର ଧବଳେଶ୍ୱର, ଚନ୍ଦ୍ରଶେଖରପୁରର ନୀଳକଣ୍ଠେଶ୍ୱର, ଗୁଞ୍ଜୁବାରଣର କପିଳେଶ୍ୱର, ବାହାଡାଖୋଲାର ଫୁଲେଶ୍ୱର, ଯଦୁପୁରର ସିଦ୍ଧେଶ୍ୱର, ରାବେରାର ମଧୁକେଶ୍ୱର, କଲ୍ୟାଣପୁରର ମୁକ୍ତେଶ୍ୱର, ଯାମୁପାଟଣାର ଦ୍ୟୁତୀକେଶ୍ୱର, ମାଳିସାହିର ଗଡେଶ୍ୱର, ଗୋବିନ୍ଦପୁରର ସୋମନାଥ ଦେବ ଓ ଶରଣକୁଳର ଲଡୁବାବାଙ୍କ ପୀଠରେ ଜଳଲାଗି ପାଇଁ କାଉଡିଆମାନଙ୍କର ଭିଡ ଲାଗି ରହିଥିଲା।


କାଉଡ଼ିଆମାନେ ଲଡୁବାବାଙ୍କୁ ଜଳଲାଗି କରୁଛନ୍ତି।

### ନିଖୋଜ ଚାଷୀଙ୍କ ମୃତଦେହ କେନାଲରୁ ଠାବ

ବୁଗୁଡ଼ା,୮।୮(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ଭାମଶିଆଳି ଗ୍ରାମର ନିଖୋଜ ଥିବା ଚାଷୀ ସନ୍ତୋଷ ରାଉତ (୫୭)ଙ୍କ ମୃତଦେହ କେନାଲରୁ ସୋମବାର ଉଦ୍ଧାର କରାଯାଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ ନଂ. ୨୧/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। ଶନିବାର ସନ୍ତୋଷ ବିଲକୁ କାମ କରିବାକୁ ଯାଇ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ପାଇ ନ ଥିଲେ। ରବିବାର ଗାଁର କେନାଲ ହୁଡାରେ ସନ୍ତୋଷଙ୍କ ଚପଲ ଓ ଗାମୁଛା ଦେଖିବାକୁ ମିଳିଥିଲା। ତେବେ କେନାଲକୁ ଶୌଚ ପାଇଁ ଯାଇଥିବା ବେଳେ ସନ୍ତୋଷ ଭାସି ଯାଇଥିବେ ବୋଲି ସନ୍ଦେହ କରି ତାଙ୍କ ସ୍ତ୍ରୀ ଶାନ୍ତି ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଓ ଦମକଳ ବାହିନୀ ପହଞ୍ଚି କେନାଲରେ ଖୋଜାଖୋଜି କରିଥିଲେ ହେଁ ରବିବାର ରାତି ସୁଦ୍ଧା ତାଙ୍କ ପତ୍ତା ମିଳି ନ ଥିଲା। ସୋମବାର ଡାହାଳିଆଠାରେ କେନାଲ ପାଣିରେ ସନ୍ତୋଷଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଓ ଦମକଳ ବାହିନୀ ମୃତଦେହକୁ ପାଣିରୁ ବାହାର କରିଥିଲେ।

# ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ରକ୍ଷାବନ୍ଧନ କାର୍ଯ୍ୟକ୍ରମ


ଖଣ୍ଡପଠାରେ ବ୍ରହ୍ମାକୁମାରୀମାନେ ଲୋକଙ୍କୁ ରାଖୀ ବାନ୍ଧୁଛନ୍ତି।

ଖଣ୍ଡପଡ଼ା, ୮।୮(ସ୍ୱ.ପ୍ର.)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଖଣ୍ଡପଡ଼ା ଶାଖା ପରିସରରେ ସୋମବାର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଖଣ୍ଡପଡ଼ା ସହରାଞ୍ଚଳରୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିବା ବେଳେ ରକ୍ଷା ବନ୍ଧନର ମହତ୍ତ୍ୱ ସମ୍ପର୍କରେ ବ୍ରହ୍ମାକୁମାରୀ ମିନି ଓ ଅଞ୍ଜଳି ଭଉଣୀ ବିଶଦ୍ ଭାବେ ଆଲୋକପାତ କରିଥିଲେ। ବ୍ରହ୍ମା କୁମାରୀ ମନୋରମା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏ ଅବସରରେ ବ୍ରହ୍ମାକୁମାରୀମାନେ ସମସ୍ତଙ୍କ ହାତରେ ରାଖି ବାନ୍ଧି ମିଠା ଖୁଆଇବା ସହ ଉପହାର ପ୍ରଦାନ କରିଥିଲେ। ଏ ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆଦର୍ଶ ବିଦ୍ୟାଳୟରେ ଜିଲାପାଳ


ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ଜିଲାପାଳ ପୋମା ଟୁଡୁ ଓ ଅନ୍ୟମାନେ।

ନୟାଗଡ଼ ଅଫିସ/ଖଣ୍ଡପଡ଼ା,୮।୮(ସ୍ୱ.ପ୍ର.)

ଜିଲାପାଳ ପୋମା ଟୁଡୁ ସୋମବାର ଖଣ୍ଡପଡାର ଆଦର୍ଶ ବିଦ୍ୟାଳୟର ପରିଚାଳନା କମିଟି ବୈଠକରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ କରି ଜିଲାପାଳଙ୍କୁ ପାଛୋଟି ନେଇଥିଲେ। ପରେ ଜିଲାପାଳ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହାପରେ ଜିଲାପାଳ ଟୁଡୁ ଛାତ୍ରୀଛାତ୍ରମାନଙ୍କ ସହ କଥା ହୋଇ ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବିଦ୍ୟାଳୟରେ ଛାତ୍ରୀମାନଙ୍କ ନିମନ୍ତେ ଏକ ଛାତ୍ରୀ ନିବାସ, ପାନୀୟ ଜଳର ସୁବିଧା ଲାଗି ଏକ ଆକ୍ୱାଗାର୍ଡ, ପିଲାମାନଙ୍କ ସାରସ୍ୱତ ସାଧନାର ଉନ୍ନତ ପାଇଁ ଏକ ଡିସପ୍ଲେ ବୋର୍ଡ, ବିଦ୍ୟାଳୟରେ ଏକ ଖେଳ ପଡ଼ିଆ ପ୍ରଭୃତିର ଆବଶ୍ୟକତା ଥିବା ପିଲାମାନଙ୍କଠାରୁ ଜିଲାପାଳ ଜାଣିବାକୁ ପାଇଥିଲେ। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ଆବଶ୍ୟକତାକୁ ତୁରନ୍ତ ପୂରଣ କରାଯିବ ବୋଲି ଜିଲାପାଳ ଟୁଡୁ ପ୍ରକାଶ କରିଥିଲେ। ବିଦ୍ୟାଳୟ ପଛପଟେ ରହିଥିବା ଜମିକୁ ଖେଳ ପଡ଼ିଆ ନିମନ୍ତେ ବିଦ୍ୟାଳୟକୁ ହସ୍ତାନ୍ତର କରିବାକୁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷୟିତ୍ରୀଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ।

# ଗରଡ଼ମା ପଞ୍ଚାୟତର ବହୁ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ

ଆର.ଉଦୟଗିରି,୮।୮(ଡି.ଏନ.ଏ.)

ମୋହନା ବ୍ଲକ ଗରଡ଼ମା ପଞ୍ଚାୟତର କିଛି ଗାଁ ରହିଛି ବର୍ଷା ଦିନ ହେଲେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଉଛି। ଗରଡ଼ମା ପଞ୍ଚାୟତରେ ରହିଥିବା ଲିମବାଡ, ନାକେଲୁ, ମାତାକୁପା, କାମୁଜ ପ୍ରଭୃତି ଗାଁ। ସେହି ଅଞ୍ଚଳର ଜନସାଧାରଣ ନିଜ ଜୀବନକୁ ପାଣି ଛଡାଇ ନଦୀ ଓ ପାହାଡିଆ ନାଳ ପାର ହେଉଛନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣାବିକା ସହ ଛାତ୍ରୀଛାତ୍ର ଜୀବନକୁ ବାଜି ଲଗାଇ ବିଦ୍ୟାଳୟକୁ ଶିକ୍ଷା ଗ୍ରହଣ କରିବାକୁ ଯାଉଛନ୍ତି। ଗାଁକୁ ରାସ୍ତା ନ ଥିବାରୁ ପିଲାମାନେ ବିଦ୍ୟାଳୟ ଯିବା ତ ଦୂରର କଥା, ଦେହ ଖରାପ ହେଲେ ଆମ୍ବୁଲାନ୍ସ ଆସି ପାରୁନାହିଁ। ଏହି ଅଞ୍ଚଳର ଲୋକମାନେ ସାଧାରଣତଃ ପଡୋଶୀ ପଞ୍ଚାୟତ ମାଣ୍ଡିମେରା ଓ ବ୍ଲକ ସଦର ମହକୁମା ମୋହନା ଉପରେ ନିର୍ଭର କରିଥାନ୍ତି। ହେଲେ ବର୍ଷା ହେଲେ ଏହି ଅଞ୍ଚଳ କଥା ନ କହିବା ଭଲ। ଅଞ୍ଚଳବାସୀ ବାରମ୍ବାର ପ୍ରଶାସନ ପାଖରେ ଦାବି ଜଣାଇ ଆସୁଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ଏହାସହ କିଛିବର୍ଷ ପୂର୍ବେ ସେହି ଅଞ୍ଚଳର ବାସିନ୍ଦା ଆମ୍ବ ଟାକୁଆ ଖାଇ ସ୍ୱାସ୍ଥ୍ୟ ସେବା ନ ପାଇବାରୁ ମୃତ୍ୟୁ ହୋଇଥିବା ବେଳେ ଆଜି ମଧ୍ୟ ଅଞ୍ଚଳରେ ସମସ୍ତ ସୁବିଧାରୁ ବଞ୍ଚିତ ଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ହେବାକୁ ଥିବା ଗରଡ଼ମାରେ ଜନଶୁଣାଣୀ ଶିବିରରେ ସ୍ଥାନୀୟ ଲୋକ ନଦୀ ଉପରେ ପୋଲ ନିର୍ମାଣ କରିବାକୁ ଦାବି କରିବେ ବୋଲି କହିଛନ୍ତି। ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଲୋକଙ୍କ ଅସୁବିଧା ସୁଧାରିବା ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ଛତ୍ରପୁର, ଭଞ୍ଜନଗର, ଆସିକା ମ୍ୟୁନିସିପାଲିଟି ହୋଇନି

ଛତ୍ରପୁର,୮।୮(ଡି.ଏନ.ଏ)

**୩ ବର୍ଷ ପରେ ବି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅମାନ୍ୟ**

ଗଞ୍ଜାମ ଜିଲାର ଛତ୍ରପୁର, ଭଞ୍ଜନଗର ଓ ଆସିକା ଏନ୍ଏସିକୁ ୩ ମାସ ମଧ୍ୟରେ ମ୍ୟୁନିସିପାଲିଟି ଭାବେ ଘୋଷଣା କରିବାକୁ ଉଚ୍ଚ ନ୍ୟାୟାଳୟ ୨୦୧୯ ଅଗଷ୍ଟ ୫ ତାରିଖରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଇତିମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର ନିର୍ଦ୍ଦେଶ କାର୍ଯ୍ୟକାରୀ କରିନାହାନ୍ତି।

ହାଇକୋର୍ଟଙ୍କ ଉକ୍ତ ଅର୍ଡର ପରେ ୨ ବର୍ଷ ପରେ ରାଜ୍ୟରେ କରୋନା ସଂକ୍ରମଣ ଲାଗି ରହିଥିଲା। ଅନ୍ୟପକ୍ଷରେ ୪ବର୍ଷ ଧରି ସ୍ଥଗିତ ଥିବା ପୌର ନିର୍ବାଚନ ଚଳିତବର୍ଷ ମଧ୍ୟ ହୋଇଛି । ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଛତ୍ରପୁର, ଭଞ୍ଜନଗର ଓ ଆସିକା ଏନ୍ଏସିକୁ ମ୍ୟୁନିସିପାଲିଟି ଭାବେ ରାଜ୍ୟ ସରକାର ଘୋଷଣା କରିନାହାନ୍ତି। ଉପରୋକ୍ତ ୩ ଏନ୍ଏସିରେ ସର୍ବନିମ୍ନ ସୁବିଧା ସୁଯୋଗରୁ ଲୋକେ ବଞ୍ଚିତ ଅଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ଉକ୍ତ ୩ ଏନ୍ଏସିର ଜନସଂଖ୍ୟା ମ୍ୟୁନିସିପାଲିଟି ପାଇଁ ଆବଶ୍ୟକ ଜନସଂଖ୍ୟା ଠାରୁ ଅଧିକ ଅଛି । ଏହା ଦର୍ଶାଇ ବ୍ରହ୍ମପୁରର ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶନାମା ସମ୍ବନ୍ଧୀୟ ରାୟ ଶୁଣାଇଥିଲେ । ହାଇକୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ପରିଷଦର ସଭାପତି ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ସମୟରେ ତତ୍କାଳୀନ ଗଞ୍ଜାମ ଜିଲାପାଳଙ୍କୁ ଏ ସମ୍ବନ୍ଧୀୟ ରିପୋର୍ଟ ମାଗିଥିଲେ । ଏପରିକି ଜିଲାପାଳ ମଧ୍ୟ ଏ ନେଇ ପ୍ରସ୍ତାବ ପଠାଇଥିଲେ । ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିବା ନେଇ ତତ୍କାଳୀନ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଠିକ୍ ସମୟରେ ସରକାର ଠିକ୍ ନିଷ୍ପତ୍ତି ନେବେ ବୋଲି ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମଧ୍ୟ ଛତ୍ରପୁର ଗସ୍ତ ବେଳେ ଗଣମାଧ୍ୟମ ଆଗରେ କହିଥିଲେ । ମାତ୍ର ସରକାର ଏହାକୁ କାର୍ଯ୍ୟକାରୀ କଲେନି । ଚଳିତବର୍ଷ ହୋଇଥିବା ପୌର ନିର୍ବାଚନରେ ଜିଲାର ହେଡକ୍ୱାର୍ଟର ଛତ୍ରପୁର ଏନଏସି ଅଧ୍ୟକ୍ଷା ପଦବୀ ବିଜେଡି ହାତରୁ ଖସିଯାଇ ଏହି ପଦବୀ ଭାଜପା ହାତେଇବାରେ ସକ୍ଷମ ହୋଇଥିଲା । ଏହା ମଧ୍ୟ ବିଜେଡିର ପରାଜୟର ପ୍ରମୁଖ କାରଣ ବୋଲି ରାଜନୀତିଜ୍ଞ ମାନେ କହୁଛନ୍ତି। ଓଡିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ଅନୁଯାୟୀ, ମ୍ୟୁନିସିପାଲିଟି ଘୋଷଣା ପାଇଁ ୨୫ ହଜାର ବା ତା'ଠାରୁ ଅଧିକ ଜନସଂଖ୍ୟା ହେବା ଆବଶ୍ୟକ । ଏନେଇ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ନିର୍ବାଚିତ ଜନପ୍ରତିନିଧିମାନଙ୍କ ଆଗ୍ରହ ଓ ଉଦ୍ୟମ ନ ଥିବା ଦେଖିବାକୁ ମିଳିଛି। ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟି ଭାବେ ଘୋଷଣା ପାଇଁ ଛତ୍ରପୁର ନାଗରିକ କମିଟି ଓ ଛତ୍ରପୁର ଓକିଲ ସଂଘ ପକ୍ଷରୁ ଦାବି ହୋଇଆସୁଛି ।

# ୬୯ ଅଭିଯୋଗ ଶୁଣିଲେ ଜିଲାପାଳ

ଦାରିଙ୍ଗବାଡ଼ି,୮।୮(ଡି.ଏନ୍.ଏ.)

**ବର୍ଷା ଯୋଗୁ ପହଞ୍ଚ୍ ପାରିଲେନି ଲୋକେ**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଆଶିଷ ଈଶ୍ୱର ପାଟିଲ ୬୯ ଅଭିଯୋଗର ଶୁଣାଣି କରିଛନ୍ତି। ବ୍ୟକ୍ତିଗତ ୪୩ ରହିଥିବା ବେଳେ ସାମୂହିକ ୨୬ ଅଭିଯୋଗ ରହିଥିଲା। ରାଶନ କାର୍ଡ ସହ ଭତ୍ତା, ବିଦ୍ୟୁତ୍ ସମସ୍ୟା, ଆବାସ ଯୋଜନାରେ ଗୃହ ପ୍ରଦାନ ଭଳି ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ ଲୋକେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ ଅଭାବ ସହ ଛାତ୍ରାବାସ ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସଂଯୁକ୍ତା ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ଜଣାଯାଇଛି। ସେହିପରି ଘରେ ଘରେ ରନ୍ଧନ ଗ୍ୟାସ୍ ଯୋଗାଇଦେବାକୁ ଗ୍ରାହକଙ୍କଠାରୁ ବିତରଣ ସଂସ୍ଥା ଅତିରିକ୍ତ ୫୦ ଟଙ୍କା ଅଧିକ ନିଆଯାଉଥିବା ଅଭିଯୋଗ ହୋଇଛି। ଏହାର ସମାଧାନ ପାଇଁ ନାରୀନେତ୍ରୀ ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ବିଳାସିନୀ ନାୟକ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରିବା ପାଇଁ ଯୋଗାଣ ନିରୀକ୍ଷକ ନୀହାର ବେହେରାଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗାନ୍ଧାରଗୁଡ଼ିରେ ବିଜୁଳି ଯୋଗାଣ ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାରିଙ୍ଗିଇର୍ପିଠାରେ ପିଇବା ପାଣି ଯୋଗାଣ ଲାଗି ସ୍ୱତନ୍ତ୍ର ଏକ ପାଣିଟାଙ୍କି ସ୍ଥାପନ କରାଯିବାକୁ ଗ୍ରାମର ସୁନୀଲ ପ୍ରଧାନ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି। ସେହିପରି ବାଡାବାଙ୍ଗା ସମେତ ବିଭିନ୍ନ ପଞ୍ଚାୟତରେ ଏକାଧିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଯାଇଛି। ଶୀଘ୍ର ସମାଧାନ କରାଯିବା ପାଇଁ ସରପଞ୍ଚମାନେ ଜିଲାପାଳଙ୍କୁ ଜଣାଇଛନ୍ତି । ତେବେ ବର୍ଷା କାରଣରୁ ବହୁ ପଞ୍ଚାୟତରୁ ଜନସାଧାରଣ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିପାରି ନ ଥିଲେ ଓ ଅନ୍ୟ କେତେଜଣ ବିଳମ୍ବରେ ଆସିବାରୁ ଜିଲାପାଳଙ୍କୁ ଭେଟି ନ ପାରି ନିରାଶରେ ଫେରିଥିଲେ। ଏହି ଅଭିଯୋଗ ଶୁଣାଣି ବେଳେ ଜିଲାପାଳଙ୍କ ସମେତ ବାଲିଗୁଡ଼ା ଉପଜିଲାପାଳ ଦୁଃଖବନ୍ଧୁ ନାୟକ, ଏସ୍‌ଡିପିଓ ଜିଆର ରାଘବେନ୍ଦର, ଦାରିଙ୍ଗବାଡ଼ି ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ଗଦାଧର ପାତ୍ର, ତହସିଲଦାର ଚାର୍ଲସ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲା ଅଧିକାରୀ, ଉପଖଣ୍ଡୀୟ ଅଧିକାରୀ ଏବଂ ସ୍ଥାନୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ।



କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

## ସଂକ୍ଷେପରେ

### ଶ୍ରୀନୀଳକଣ୍ଠେଶ୍ୱରଙ୍କୁ ଲାଗି ହେଲା ୧ ଲକ୍ଷ ବେଲପତ୍ର

**ଖଣ୍ଡପଡ଼ା, ୮।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରର ଆରାଧ୍ୟ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ ଶ୍ରାବଣରେ ୧ଲକ୍ଷ ବେଲପତ୍ର ଲାଗି କାର୍ଯ୍ୟକ୍ରମ ବ୍ରାହ୍ମଣ ସମାଜର ମୁଖ୍ୟ ପୁରୋଧାଙ୍କ ଦ୍ୱାରା ଆରମ୍ଭ ହୋଇଛି। ରାଜରାଜୁଡା ଅମଳରୁ ଖଣ୍ଡପଡ଼ା ସହରର ମଧ୍ୟ ଭାଗରେ ଅବସ୍ଥିତ ପ୍ରାଚୀନ ଶୈବ ପୀଠଟି ଏକ ପ୍ରମୁଖ ପୀଠ ଭାବେ ବେଶ ଜଣାଶୁଣା। ଏ ଅବସରରେ ଦୈନିକ ସମସ୍ତ ନୀତିକାନ୍ତି ଶେଷ ପରେ ବିଗ୍ରହଙ୍କ ନିକଟରେ ବେଲପତ୍ର ଲାଗି କରାଯାଉଛି। ଆସନ୍ତା ୧୧ ତାରିଖ ଅପରାହ୍ନରେ ବେଲପତ୍ର ଲାଗି କାର୍ଯ୍ୟକ୍ରମର ଶେଷ ହେବ ବୋଲି ଜଣାପଡିଛି।

### ଖଣ୍ଡପଡ଼ା ଉପ ଡାକ ଘରେ ଜାତୀୟ ପତାକା ବିକ୍ରିର ଶୁଭାରମ୍ଭ



**ଖଣ୍ଡପଡ଼ା, ୮।୮ (ସ୍ୱ.ପ୍ର.):** ଆଜାଦ କି ଅମୃତ ମହୋତ୍ସବ ପାଳନ ଅବସରରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରଶାସନ ସ୍ତରରେ ଉଦ୍ୟମ ଜାରି ରହିଛି। ଏହିକ୍ରମରେ ଖଣ୍ଡପଡ଼ା ଉପ ଡାକଘରେ ଜାତୀୟ ପତାକା ବିକ୍ରିର ଶୁଭାରମ୍ଭ ସୋମବାର ଡାକପାଳ ସନ୍ତୋଷ କୁମାର ବେହେରା କରିଛନ୍ତି। ସେହିପରି କଣ୍ଟିଲୋ ଡାକ ଘରେ ଗତ ୩ଦିନ ହେଲା ଜାତୀୟ ପତାକା ବିକ୍ରି ହେଉଥିବା ଡାକପାଳ ନରେନ୍ଦ୍ର କୁମାର ସାହୁଙ୍କ ଠାରୁ ପ୍ରକାଶ। ଜାତୀୟ ପତାକା କ୍ରୟ କରିବାକୁ ଏବେ ଉପ ଡାକଘରଗୁଡିକରେ ଭିଡ ଜମିବାରେ ଲାଗିଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସ୍ୱେଚ୍ଛାସେବୀ, ଯୁବକ ସଙ୍ଗଠନର କର୍ମକର୍ତ୍ତା ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜାତୀୟ ପତାକା କ୍ରୟ ନିମନ୍ତେ ସ୍ୱତନ୍ତ୍ର ଉତ୍ସାହ ପରିଲକ୍ଷିତ ହୋଇଛି। ସୂଚନାଯୋଗ୍ୟ ଆସନ୍ତା ୧୩ରୁ ୧୫ତାରିଖ ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତି ବାସଗୃହ ସମ୍ମୁଖରେ ଜାତୀୟ ପତାକା ଉଡାଇବା ସହ ଆଜାଦ କି ଅମୃତ ମହୋତ୍ସବ ପାଳନରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି।

### ଗୁଟ୍‌ଖା ଜବତ ମାମଲା, ବେପାରୀ ଗିରଫ

**ବ୍ରହ୍ମପୁର ଅଫିସ,୮।୮:** ଗଞ୍ଜାମ ଜିଲାରେ ବେଆଇନ ଭାବେ ଗୁଟ୍‌ଖା କାରବାର କରୁଥିବା ଜଣେ ବେପାରୀ ପୋଲିସକୁ ଗତ ଶନିବାର ଚକମା ଦେଇ ଫେରାର ହୋଇଯାଇଥିଲେ। ପୋଲିସ ସୋମବାର ତାଙ୍କୁ ବ୍ରହ୍ମପୁର ସଦର ଥାନା ଅଞ୍ଚଳରୁ କାବୁ କରିଛି। ବେପାରୀ ଜଣଙ୍କ ହେଲେ ଶାର୍ଗୁଣା ସାହିର ନାରାୟଣ ସାହୁ। ମାମଲା ନଂ. ୨୦୧/୨୨ ରେ ତାଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି। ଏହି ମାମଲାରେ ପୋଲିସ ରବିବାର ତାଙ୍କର ମୁଖ୍ୟ ସହଯୋଗୀ ଟୁକୁନା ସାହୁଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା।

# ନୂଆ ପଞ୍ଜୀକରଣ ବ୍ୟବସ୍ଥାକୁ ଚାଷୀଙ୍କ ବିରୋଧ

**ନୟାଗଡ ଅଫିସ, ୮।୮**

■ ଜମିର ଏରିଆ ଅନୁସାରେ ପଞ୍ଜୀକରଣ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି

■ ଭିନ୍ନ ଭିନ୍ନ ସୋସାଇଟ୍‌କୁ ଯିବାରେ ଚାଷୀଙ୍କ ବଢ଼ିଲା ଅଡୁଆ

ଜମିର ଏରିଆ ଅନୁସାରେ ସୋସାଇଟରେ ପଞ୍ଜୀକରଣ ଚାଷୀ ପାଇଁ ସମସ୍ୟା ଡାକି ଆଣିଛି। ପୂର୍ବରୁ ନିଜର ବାସସ୍ଥାନ ଅଞ୍ଚଳରେ ଥିବା ସୋସାଇଟରେ ପଞ୍ଜୀକରଣ କରିବା ପାଇଁ ଚାଷୀ ସମୟ ଦେଇ ପାରୁ ନ ଥିଲା। ଏବେ ଭିନ୍ନ ଭିନ୍ନ ସୋସାଇଟ୍‌କୁ ଯାଇ ପଞ୍ଜୀକରଣ କରିବା କାଠିକର ପାଠ ହୋଇପଡିଛି। ନୂଆ ପଞ୍ଜୀକରଣର ଚିଠି ଗତ ୩ ତାରିଖରେ ଆସିବା ପରେ ଜିଲାର ବିଭିନ୍ନ ସୋସାଇଟ୍‌ରେ ଏହି ନିୟମ ଲାଗୁ ହୋଇ ସାରିଲାଣି। ଏଥିରୁ ସରକାରଙ୍କ ନୂଆ ପଞ୍ଜୀକରଣ ବ୍ୟବସ୍ଥାକୁ ଚାଷୀମାନେ ବିରୋଧ କରି ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଏ ନେଇ ନୟାଗଡ଼ ଏଆରସିଏସ୍ ହାଡିବନ୍ଧୁ ମହକୁଡ଼ କୁହନ୍ତି, ସରକାର ଜମିର ଏରିଆ ଯେଉଁ ସୋସାଇଟ ଅନୁସାରେ ଆସୁଛି ସେଠାରେ ପଞ୍ଜୀକରଣ କରିବାକୁ କହିଛନ୍ତି। ସରକାରୀ ଚିଠି ମିଳିବା ପରେ ଗତ ୩ ତାରିଖରୁ ନୂଆ ପଞ୍ଜୀକରଣ ନୀତି ଲାଗୁ ହୋଇଛି। ଚାଷୀ ହଇରାଣ ହେବାର ଅଭିଯୋଗ ଆସିଲାଣି। ତେବେ ଏ ନେଇ ସରକାର ଯାହା କିଛି ପଦକ୍ଷେପ ନେବେ। ଏବେ ଜିଲାରେ ୨୧ ହଜାର ଚାଷୀ ପଞ୍ଜୀକରଣ ହୋଇଛି ବୋଲି କହିଛନ୍ତି। ପ୍ରତିବର୍ଷ ନୂଆ କରି ପଞ୍ଜୀକରଣ କରାଯାଉଛି ବୋଲି କହିଛନ୍ତି।

### ଆନ୍ଦୋଳନ ପାଇଁ ପ୍ରସ୍ତୁତି



ସରକାରଙ୍କ ନୂଆ ପଞ୍ଜୀକରଣ ବ୍ୟବସ୍ଥା ଠିକ୍ ନୁହେଁ। ଏହି ବ୍ୟବସ୍ଥା ସମସ୍ୟା ଆଣି ସାରିଲାଣି। ଘର ଗୋଡିପଡା ଆରଆଇ ଅଫିସର ଅଧୀନରେ। ହେଲେ ଜମି କିଛି ଗୋଡିପଡା, ଡମସାହି, କେଶପାନିଆ ସୋସାଇଟ ଅଧୀନରେ ରହିଛି। ସରକାରଙ୍କର ନୂଆ ପଞ୍ଜୀକରଣ ନୀତି ଅନୁସାରେ ଏବେ ୩ଟି ସୋସାଇଟର କାର୍ଯ୍ୟାଳୟକୁ ଧାଇଁବାକୁ ପଡିବ। ଚାଷ କରିବାକୁ ସମୟ ଦେବି, ନା ନାମ ପଞ୍ଜୀକରଣ ପାଇଁ ୩ଟି ସୋସାଇଟକୁ ଦୌଡି କାଗଜାତ ପ୍ରସ୍ତୁତ କରିବି ସେହି ଚିନ୍ତା ଘାରିଛି। ସରକାର ନିୟମ ପରିବର୍ତ୍ତନ କରନ୍ତୁ। ନଚେତ ଅନେକ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ।

**–ପଦ୍ମନାଭ ପୃଷ୍ଟି, ଚାଷୀ, ଗୋଡିପଡ଼ା, ଓଡ଼ଗାଁ ବ୍ଲକ**

### ଚାଷୀଙ୍କ ପାଇଁ କଠୋର କାହିଁକି



ସରକାର ଚାଷୀଙ୍କ ପାଇଁ କଠୋର ହେଲା ପରି ଲାଗୁଛି। ଚାଷୀ ଯେପରି ସୁବିଧାରେ ନାମ ପଞ୍ଜୀକରଣ କରିବ, ଧାନ ବିକ୍ରି କରିପାରିବ ସେପରି ସୁବିଧା କରାଯିବା ଉଚିତ। ହେଲେ ସରକାର କ'ଣ ମଣ୍ଡିରେ ଚାଷୀ ଧାନ ବିକ୍ରି କରି ନ ପାରି ଅଭାବୀ ବିକ୍ରି ଶିକାର ହେବେ ଚାହୁଁଛନ୍ତି କି। କାରଣ ସରକାରଙ୍କର କିଛି ନିୟମ ଯୋଗୁ ଚାଷୀ ଧାନ ମଣ୍ଡିକୁ ଯିବାକୁ ଅନିଚ୍ଛୁକ ହେଉଛନ୍ତି। ଏବେ ନୂଆ ପଞ୍ଜୀକରଣ ସମସ୍ୟା ଚାଷୀଙ୍କୁ ଅଡୁଆରେ ପକାଇଛି। ଅନେକ ଚାଷୀ ପଞ୍ଜୀକରଣ କରିବାକୁ ଡରିଲେଣି। କେହି କେହି ପଞ୍ଜୀକରଣ କରିବେ ନାହିଁ। ସରକାର ଏଣୁ ପୁରୁଣା ନିୟମ ଅନୁସାରେ ପଞ୍ଜୀକରଣ ବ୍ୟବସ୍ଥା କରାନ୍ତୁ।

**–ଭାସ୍କର ଚନ୍ଦ୍ର ଜେନା, ଚାଷୀ , ଜଗନ୍ନାଥପ୍ରସାଦ, ଖଣ୍ଡପଡ଼ା ବ୍ଲକ**

### ଅଭାବୀ ଧାନ ବିକ୍ରିକୁ ପ୍ରୋତ୍ସାହନ



ନୂଆଗାଁ ବ୍ଲକର ମାଳିସାହି ଓ ନୟାଗଡ଼ ବ୍ଲକର ବାଲୁଗାଁ ସୋସାଇଟ ଅଧୀନରେ ଜମି ରହିଛି। ଏବେ ନାମ ପଞ୍ଜୀକରଣ କରିବାକୁ ୨ଟି ସୋସାଇଟକୁ ଯିବାକୁ ପଡଲାଣି। ଏଥିପାଇ ବାରମ୍ବାର ଦୌଡି ହଇରାଣ ହେଲିଣି। ମୋ ପରି ଦୁଇରୁ ୩ଟି ସୋସାଇଟ ଅଧୀନରେ ଥିବା ଚାଷୀ ସମସ୍ୟା ଭୋଗୁଛନ୍ତି। ସରକାରଙ୍କ ନୂଆ ନୀତି ଯୋଗୁ ପଞ୍ଜୀକରଣରେ ଅସୁବିଧା ହେଲାଣି। ଆଗକୁ ଏହା ଅଧିକ ସମସ୍ୟା ଆଣିବ। ସରକାରଙ୍କର ଏବେ ନୂଆ ପଞ୍ଜୀକରଣ ନୀତି ଆଗ ଅପେକ୍ଷା ପୁଣି ଅଧିକ ଅଭାବୀ ଧାନ ବିକ୍ରିକୁ ପ୍ରୋତ୍ସାହନ ଦେବ ଆଗରୁ ଜଣା ପଡିଲାଣି। ସରକାର ପୁରୁଣା ନୀତିକୁ ନ ଫେରିଲେ ଜିଲା ଓ ରାଜ୍ୟରେ ଚାଷୀ ଆନ୍ଦୋଳନ ବଢ଼ିବ।

**–ରଣଜିତ ଦଳବେହେରା, ଚାଷୀ , ବାଲୁଗାଁ, ନୟାଗଡ଼ ବ୍ଲକ**

### ଚାଷୀ, ଚାଷ ପାଇଁ ବିପଦ



ସରକାର ମନଇଚ୍ଛା ନିୟମ କରୁଥିବାରୁ ଧୀରେ ଧୀରେ ଚାଷୀ ଓ ଚାଷ ପାଇଁ ବିପଦ ପରିସ୍ଥିତି ସୃଷ୍ଟି କରୁଛନ୍ତି। ଚାଷୀ ନିଜର ଧାନ ମଣ୍ଡିରେ ବିକ୍ରି କରିପାରୁନି। ଯେଉଁମାନେ ଧାନ ବିକ୍ରି କରୁଛନ୍ତି ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀର ସମସ୍ୟା କ'ଣ, କ'ଣ କରାଗଲେ ଚାଷୀ ଉପକୃତ ହେବ, ସେଥିପ୍ରତି ସରକାର ଗୁରୁତ୍ୱ ଦେଉନାହାନ୍ତି। ପ୍ରତିବର୍ଷ ଖରିଫ ଋତୁ ସମୟରେ ବା ପୂର୍ବରୁ ମନଇଚ୍ଛା ନିୟମ କରି ଚାଷୀଙ୍କ ଚାଷ ପ୍ରତି ମନୋବଳକୁ କମାଇବାକୁ ଲାଗି ପଡିଛନ୍ତି। ଧୀରେ ଧୀରେ ଚାଷୀ ଚାଷ ପ୍ରତି ବିମୁଖ ହେବା ପନ୍ଥା ଆପଣେଇ ନେଉଛନ୍ତି। ହେଲେ ଚାଷୀଙ୍କ ସମସ୍ୟା ଠିକ୍ ଭାବେ ସମୀକ୍ଷା ହୋଇପାରୁନି।

**–ପ୍ରକାଶ କୁମାର ସାହୁ , ଚାଷୀ, ଆମ୍ବଝରୀ ଗାଁ, ନୂଆଗାଁ ବ୍ଲକ**



ଖଣ୍ଡପଡ଼ା ଯୁବକ ସଂଘର ସଦସ୍ୟମାନେ ଜାତୀୟ ପତାକା ତ୍ରିରଙ୍ଗାକୁ ଦେଖାଇ ଲୋକମାନଙ୍କୁ ଅଜାଦୀ କା ଅମୃତ ମହୋତ୍ସବରେ ସାମିଲ ହେବାକୁ ସଚେତନ କରାଉଛନ୍ତି।

## ତ୍ରିରଙ୍ଗା ଶୋଭାଯାତ୍ରା ନେଇ ବ୍ୟାପକ ପ୍ରସ୍ତୁତି

**ଖଣ୍ଡପଡ଼ା,୮।୮(ସ୍ୱ.ପ୍ର.)**

ଖଣ୍ଡପଡ଼ାରେ ତ୍ରିରଙ୍ଗା ଶୋଭାଯାତ୍ରା ନେଇ ସ୍ଥାନୀୟ ଯୁବକ ସଂଘର ସଦସ୍ୟମାନେ ବ୍ୟାପକ ପ୍ରସ୍ତୁତିପର୍ବ ଚଳାଇଛନ୍ତି। ଆଜାଦ କି ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ଅଗଷ୍ଟ କ୍ରାନ୍ତି ଦିବସ ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ୍ ପରିସରରେ ତ୍ରିରଙ୍ଗା ଶୋଭାଯାତ୍ରାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଜଣାଇଛନ୍ତି। ଏକ ୧୦ଫୁଟ ଓସାର ୩୦ଫୁଟ ଲମ୍ବର ଜାତୀୟ ପତାକାକୁ ଧରି ଖଣ୍ଡପଡ଼ା ଯୁବକ ସଂଘ, ପଠାଣି ସାମନ୍ତ ପୂଜ୍ୟ ପୂଜା ପରିଷଦ ଓ ଆରଏସ୍ଏସ୍‌ର କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଖଣ୍ଡପଡା ସହର ପରିକ୍ରମା ସହ ଆଜାଦ କି ଅମୃତ ମହୋତ୍ସବ ପାଳନରେ ସମସ୍ତ ନାଗରିକ ସାମିଲ ହେବାକୁ ନିବେଦନ କରିବେ। ଖଣ୍ଡପଡ଼ା ବ୍ଲକ ଅଧୀନ ସମସ୍ତ ପଞ୍ଚାୟତରେ ମଧ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଯୁବକ ସଂଘର ସଦସ୍ୟମାନେ କହିଛନ୍ତି।

## ଖଣ୍ଡପଡ଼ାରେ ଜିଲାପାଳଙ୍କ ଜନଶୁଣାଣି

**ଖଣ୍ଡପଡା,୮।୮(ସ୍ୱ.ପ୍ର.)**

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପୋମା ଟୁଡୁ ଶିବିରରେ ଉପସ୍ଥିତ ରହି ଜନସାଧରଣଙ୍କ ଆପତ୍ତି, ଅଭିଯୋଗଗୁଡିକ ଶୁଣିଥିଲେ। ଶିବିରରେ ୧୧୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ବିଭିନ୍ନ ଅଭିଯୋଗ ମଧ୍ୟରେ ୯୩ ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହସ୍ତଗତ ହୋଇଥିବା ବେଳେ ୨ଟି ଗ୍ରାମ ସମସ୍ୟା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିର ସହାୟତା ପାଇବା ନିମନ୍ତେ ଆବେଦନପତ୍ର ଦାଖଲ କରିଥିବା ୧୨ଜଣ ଆବେଦନକାରୀଙ୍କ ଅଭିଯୋଗ ସମ୍ପର୍କରେ ଜିଲାପାଳ ଅବଗତ ହୋଇଥିଲେ। ହସ୍ତଗତ ହୋଇଥିବା ଅଭିଯୋଗ ମଧ୍ୟରୁ ୪୭ଟିର ଶୁଣାଣି କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଜନଶୁଣାଣି ଶିବିରରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଉପ ଜିଲାପାଳ ଲଗ୍ନଜିତ ରାଉତ, ବିଡିଓ ସିରିଅଲ ଶୁଭ୍ର ପଟେଲ, ତହସିଲଦାର ପାର୍ଥ ସାରଥୀ ହାଁସଦାଙ୍କ ସମେତ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।




ଜିଲାପାଳ ପୋମା ଟୁଡୁ ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି।

## ଶ୍ରୀନୀଳମାଧବ ପୀଠରେ ଝୁଲଣ ଯାତ୍ରାରମ୍ଭ

**ଖଣ୍ଡପଡ଼ା, ୮।୮(ସ୍ୱ.ପ୍ର.)**

ଶ୍ରୀଜଗନ୍ନାଥ ସଂସ୍କୃତିରେ ଆଦିପୀଠ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉ ପୀଠ, ତତ୍‌ସଂଲଗ୍ନ ରାଧାମୋହନ ଜୀଉ ମଠ, କଣ୍ଟିଲୋ ଠାକୁର ଅଭିରାମ ପରମହଂସ ଦେବଙ୍କ ଶାନ୍ତି ଆନନ୍ଦାଶ୍ରମ, ସିଧାମୂଳାସ୍ଥ ଜଗନ୍ନାଥ ଜୀଉଙ୍କ ମନ୍ଦିର, ଖଣ୍ଡପଡ଼ା ଜଗନ୍ନାଥ ଜୀଉ ଓ ଖଳିସାହି ଗୋପାଳଜୀଉ ମନ୍ଦିରରେ ସୋମବାରଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଛି।

ଏହି ଅବସରରେ ଶ୍ରୀନୀଳମାଧବ ଜୀଉ ଓ ସିଧାମୂଳାସ୍ଥ ଜଗନ୍ନାଥ ମନ୍ଦିରରେ ଭୋର ୫ଟାରେ ସ୍ନାନ, ଅବକାଶ, ୭ଟାରେ ବଲ୍ଲଭ, ସାଢେ ୧୧ଟାରେ ସକାଳ ଧୂପ ଓ ପରେ ଦ୍ୱିପ୍ରହର ଧୂପ ସମ୍ପନ୍ନ ହୋଇ ଠାକୁର ପହଡ ଯାଇଥିଲେ। ସନ୍ଧ୍ୟା ସାଢେ ୮ ଟାରେ ଏକାଦଶୀ ଓ ମହାଦୀପ ଉଠି ରାତି ୯ଟାରେ ଧୂପ ହୋଇଥିଲା। ରାତି ପ୍ରାୟ ସାଢେ ୯ଟାରେ ମଦନମୋହନଙ୍କ ସହ ଲକ୍ଷ୍ମୀ, ସରସ୍ୱତୀଙ୍କୁ ମୁକ୍ତି ମଣ୍ଡପକୁ ବିଜେ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା।

ପରେ ଶ୍ରୀଜୀଉମାନେ ଝୁଲଣ ବେଦୀରେ ବିଜେ ହୋଇଥିଲେ। ସନ୍ଧ୍ୟାରେ ମଦନମୋହନଙ୍କୁ ଝୁଲଣ କୁରେ(ଦୋଳିରେ)ବିଜେ କରାଯାଇ ନାମ ସଂକୀର୍ତ୍ତନ ସହ ଭକ୍ତମାନେ ଶ୍ରୀଜୀଉଙ୍କୁ ଝୁଲାଇ ଥିଲେ। ଏହି ଅବସରରେ ସ୍ଥାନୀୟ ରାଧାମୋହନ ଜୀଉଙ୍କ ମଠରେ କଣ୍ଟିଲୋ ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଝୁଲଣ ସଙ୍ଗୀତ ଆବୃତ୍ତି କରାଯାଇଥିଲା। ଏହା ସୋମବାରଠାରୁ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବ।



ଝୁଲଣ ବେଦିରେ ଜୀଉମାନଙ୍କୁ ଝୁଲା ଯାଉଛି।

## ୬ ମାସର ଦରମା ପାଇନାହାନ୍ତି କୃଷକ ସାଥୀ

**ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଫେରାଦ**

**ନୟାଗଡ଼ ଅଫିସ,୮।୮**

ନୟାଗଡ଼ ଜିଲାର କୃଷକ ସାଥୀମାନେ ୬ ମାସର ଦରମା ପାଇନାହାନ୍ତି। ପୁଣି ପ୍ରତି ମାସରେ ଦରମା ପାଇବାକୁ ସରକାରୀ ନିର୍ଦ୍ଦେଶ ଥିବାବେଳେ ସେମାନଙ୍କୁ ଅଣଦେଖା କରାଯାଉଛି। ଏଭଳିସ୍ଥଳେ କୃଷକ ସାଥୀ ଏହାର ପ୍ରତିବାଦ କରି ସୋମବାର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଫେରାଦ୍ ହୋଇଛନ୍ତି। କୃଷକ ସାଥୀଙ୍କର ଅଭିଯୋଗ ଗତବର୍ଷର ୨ମାସ ଓ ଚଳିତ ବର୍ଷର ୪ମାସ ଏପରି ୬ମାସର ଦରମା ବାକି ରହିଲାଣି। ବକେୟା ଦରମା ପ୍ରଦାନ ଓ ପ୍ରତି ମାସରେ ଦରମା ଦେବାକୁ ଦାବିକରି ବିକ୍ଷୋଭ କରାଯାଇଛି।

## ୩୩ କେଭି ଲାଇନ ଗାଁ ଭିତରୁ ହଟାଇବା ଦାବି

**ନୟାଗଡ ଅଫିସ, ୮।୮**

■ ରଣପୁର, ଦର୍ପନାରାୟଣପୁର ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ

■ ଜଗତିପାଟଣାରେ ପ୍ରତିବାଦ, ଉତ୍ତେଜନା

ରଣପୁର ବ୍ଲକର ରଣପୁର, ଦର୍ପନାରାୟଣପୁର ସହ ନୟାଗଡ଼ ବ୍ଲକର କେନ୍ଦୁଡ଼ିପି ଅଞ୍ଚଳରେ ରବିବାର ଓ ସୋମବାର ବିଦ୍ୟୁତ ବାରମ୍ବାର ଯାଉଛି ଆସୁଛି। ଅଧିକାଂଶ ସମୟ ବିଦ୍ୟୁତ୍ କାଟ ହେଉଛି। ବର୍ଷା ଲାଗି ରହିଥିବାବେଳେ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ ଦେଖା ଦେଇଛି। ସମ୍ପୃକ୍ତ ଅଞ୍ଚଳକୁ ଖୋର୍ଦ୍ଧା ଜିଲାର ବାଲୁଗାଁରୁ ବିଦ୍ୟୁତ୍ ସରବରାହ ହେଉଥିଲା। ତେବେ ସବୁବେଳେ ବିଦ୍ୟୁତ୍ କାଟ ଯୋଗୁ ଉପଭୋକ୍ତାଙ୍କ ପ୍ରତିବାଦ ପରେ ରାଜପାଟଣାରୁ ବିଦ୍ୟୁତ୍ ସଂଯୋଗ ପରେ ଏକ ପ୍ରକାରର ସମସ୍ୟା ଦୂର ହୋଇଥିଲା। ହେଲେ ରାଜପାଟଣା ନିକଟସ୍ଥ ଜଗତିପାଟଣା ଦେଇ ରଣପୁର ଅଞ୍ଚଳକୁ ୩୩ କେଭି ଲାଇନ ଯାଇଛି। ଗାଁ ଭିତର ଦେଇ ୩୩ କେଭି ଲାଇନ ଯିବା ଯୋଗୁ ବିଭିନ୍ନ ସମୟରେ ଅସୁବିଧା ଦେଖାଦେଉଛି। ଗତବର୍ଷ ବର୍ଷାଦିନେ ତାର ଛିଣ୍ଡିବା ଯୋଗୁ ଜଗତିପାଟଣା ଗାଁ ଲୋକ ହଇରାଣ ହରକତ ହୋଇଥିଲେ। ଗାଁ ଭିତରୁ ୩୩ କେଭି ବିଦ୍ୟୁତ୍ ତାର ହଟାଇବାକୁ ଆନ୍ଦୋଳନ କରିଥିଲେ। ସେ ସମୟରେ ବାଲୁଗାଁ ବିଦ୍ୟୁତ୍ ବିଭାଗ ଜଗତିପାଟଣା ବାସିନ୍ଦାଙ୍କୁ ବୁଝାଶୁଝା କରି ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ। ହେଲେ ବର୍ଷେ ପରେ ବି ଏହାର ସମାଧାନ କରି ପାରି ନ ଥିଲେ। ବର୍ଷେ ପରେ ପୁଣି ବିଦ୍ୟୁତ୍ ତାର ଛିଣ୍ଡିବାରୁ ଗାଁଲୋକ ପୂର୍ବବର୍ଷ ପରି ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ଏଣୁ ରଣପୁର ଓ ଦର୍ପନାରାୟଣପୁର ଅଞ୍ଚଳକୁ ଯାଇଥିବା ବିଦ୍ୟୁତ୍‌କୁ ଗାଁଲୋକଙ୍କ ପ୍ରତିବାଦ ପରେ ସଂଯୋଗ ଦିଆଯାଇ ପାରିନାହିଁ। ଜଗତିପାଟଣା ଗାଁଲୋକଙ୍କ ବିରୋଧ ପରେ ରଣପୁର ଓ ଦର୍ପନାରାୟଣପୁର ଅଞ୍ଚଳ ରବିବାର ଓ ସୋମବାର ଅନ୍ଧାରରେ ଥିଲା। ଏଭଳିସ୍ଥଳେ ରଣପୁର ବିଦ୍ୟୁତ୍ ବିଭାଗ ପକ୍ଷରୁ ଚାନ୍ଦପୁର ସର୍କଲରୁ ବିଦ୍ୟୁତ୍ ସଂଯୋଗ ଅସ୍ଥାୟୀ ଭାବେ ଦିଆଯାଇଛି। ଏହାଦ୍ୱାରା ରଣପୁର ଓ ଦର୍ପନାରାୟଣପୁର ଅଞ୍ଚଳରେ ବିଦ୍ୟୁତ୍ ଜଳିଛି ହେଲେ ଘନ ଘନ ବିଦ୍ୟୁତ୍ କାଟ ଲାଗି ରହିଛି।

## ଦଶପଲ୍ଲାରେ ଆଇନ ଅମାନ୍ୟ ଆନ୍ଦୋଳନ

**ଦଶପଲ୍ଲା,୮।୮(ଡି.ଏନ.ଏ.)**

ଦଶପଲ୍ଲାରେ ସୋମବାର ସିଆଇଟିୟୁ, ଅଖିଳ ଭାରତ କୃଷକ ସଭା ଓ ଅଖିଳ ଭାରତ କ୍ଷେତ ମଜଦୂର ୟୁନିୟନ ପକ୍ଷରୁ ଆଇନ ଅମାନ୍ୟ ଆନ୍ଦୋଳନ ଅନୁଷ୍ଠିତ ହୋଇ ଯାଇଛି। ଦରଦାମ ବୃଦ୍ଧି ବିରୋଧରେ, ବେକାରଙ୍କୁ ନିଯୁକ୍ତି, ଠିକା ଶ୍ରମିକମାନଙ୍କୁ ଓ ଆଉଟ ସୋର୍ସିଂ ନିଯୁକ୍ତମାନଙ୍କୁ ସ୍ଥାୟୀ କରିବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରୁ ଜିଏସ୍‌ଟି ପ୍ରତ୍ୟାହାର, କୃଷିଜାତ ଜିନିଷର ସର୍ବନିମ୍ନ ମୂଲ୍ୟ ପାଇଁ ଆଇନ କରିବା, କୃଷି ଋଣ ଛାଡ କରିବା, ସ୍କିମ ୱର୍କରମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସରକାରୀ ଉଦ୍ୟୋଗଗୁଡ଼ିକୁ ଘରୋଇ କମ୍ପାନୀକୁ ଦେବା ବନ୍ଦ କରିବା, ବାସହୀନମାନଙ୍କୁ ଘରଡିହ ଓ ବାସଗୃହ ଯୋଗାଇ ଦେବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବର୍ଷକୁ ୨୦୦ ଦିନ କାମ ଓ ୭୦୦ ଟଙ୍କା ମଜୁରୀ ଇତ୍ୟାଦି ଦାବି ନେଇ ଶୋଭାଯାତ୍ରା ଦଶପଲ୍ଲା ବ୍ଲକ ଛକରୁ ବାହାରି ତହସିଲ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ତହସିଲ ଅଫିସ୍‌ଠାରେ ଆନ୍ଦୋଳନକରୀମାନେ ପୋଲିସ କଡନ ଭାଙ୍ଗି ଆଇନ ଅମାନ୍ୟ କରି ଗିରଫ ହୋଇଥିଲେ। ପୋଲିସ ୬୦ଜଣ ସତ୍ୟାଗ୍ରହକାରୀଙ୍କୁ ଥାନାକୁ ଆଣି ଛାଡ଼ି ଦେଇଥିଲା। ଏହି ଆନ୍ଦୋଳନରେ ସିଆଇଟିୟୁର ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା, ଜୟନ୍ତୀ ଦାସ, ସସ୍ମିତା ପଟ୍ଟନାୟକ, ସଞ୍ଜୁ ପଣ୍ଡା ଏବଂ କୃଷକ ସଭାର ବ୍ଲକ କମିଟି ସମ୍ପାଦକ ଗଣେଶ୍ୱର ନାୟକ, ସଭାପତି ବ୍ରଜବନ୍ଧୁ ପ୍ରଧାନ, ଯୁବ ସଙ୍ଗଠନର ନେତା ସୁଶାନ୍ତ ନାୟକ, ବିପିନ ବିହାରୀ ବାଜୁ ଓ ପ୍ରଦୀପ କୁମାର ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।




ଦଶପଲ୍ଲାରେ ଆଇନ ଅମାନ୍ୟ ଆନ୍ଦୋଳନ ଅବସରରେ ବାହାରିଥିବା ଶୋଭାଯାତ୍ରା।